ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୦ ଜାନୁୟାରୀ, ୨୦୨୧



## କଣ୍ଟାପାଲି ପଞ୍ଚାୟତରେ ପାର୍କ ଉଦ୍‌ଘାଟିତ

ଲଖନପୁର (ଡି.ଏନ୍.ଏ.): ଝାରସୁଗୁଡା ଜିଲା ସଦର ବ୍ଲକ୍ ଏବ୍ କଣ୍ଟାପାଲି ପଞ୍ଚାୟତ ହଂସାମୁରାଠାରେ ହରିଓମ୍ ରୁରାଲ ନାମରେ ଏକ ପାର୍କ ୪୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଗୁରୁବାର ଏହି ପାର୍କକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଏମ୍ପି ସୁରେଶ ପୂଜାରୀ, ଜିଲାପାଳ ସରୋଜ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ଭୋଇ, ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥ, ସ୍ଥାନୀୟ ସରପଞ୍ଚ କାଞ୍ଚନ ଖଡିଆ, ପଞ୍ଚାୟତ ସମିତିସଭ୍ୟା ଯାଜ୍ଞସେନୀ ଅତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ



### ଓଡ଼ିଶା ପୁଷ୍ଟି ମହୋତ୍ସବ

କିର୍ମିରା, ୨୯।୧(ଡି.ଏନ.ଏ.): ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତର ଟାଙ୍ଗରଗଡାଠାରେ ଓଡ଼ିଶା ପୁଷ୍ଟି ମହୋତ୍ସବ ଆୟୋଜିତ ହୋଇଯାଇଛି। କିର୍ମିରା ବ୍ଲକ ସଭାପତି ତେଜରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଏଲ୍‌ସି ଆଶୁତୋଷ ଦାସ, ବେଙ୍କ ମିତ୍ର, ସବିତା ସେଠ, ସିଷ୍ଟର ସନ୍ଧ୍ୟା ବିଲୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଏଲ୍‌ସି ଦାସ ପୁଷ୍ଟିକର ଖାଦ୍ୟ ଓ ଶାଗ ସବ୍‌ଜିର ଉପକାରିତା ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ କିଷାନ ମିତ୍ର ସବିତା, ସିଆରପି ସୁମିତ୍ରା ବାଗ, ବାବୁଲାଲ ବାଗ ୱାର୍ଡମେମ୍ବର, ମୁକ୍ତିଲତା ଗୁଡ଼ିଆ ସହଯୋଗ କରିଥିଲେ।

### ଆର୍‌ଆଇ ଅଫିସ୍ କୋଠା ଉଦ୍‌ଘାଟିତ

ରେଙ୍ଗାଲି, ୨୯।୧ (ଡି.ଏନ.ଏ.): ରେଙ୍ଗାଲିଠାରେ ନବନିର୍ମିତ ଆର୍‌ଆଇ କାର୍ଯ୍ୟାଳୟ କୋଠାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନ ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା, ଏଡିଏମ୍ ଉମାକାନ୍ତ ରାଜ, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ରେଙ୍ଗାଲି ତହସିଲଦାର ସୁନୀଲ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହୀରାକୁଦ ଜଳ ଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ଲୋକଙ୍କୁ ୧୦ ଡେସିମିଲ ଜମି ଦେବାରେ ସମ୍ବଲପୁର ଜିଲା ପଛରେ ରହିଯାଇଛି। ଜିଲାପାଳଙ୍କ ସହଯୋଗରେ ଏହାକୁ କରିବା ପାଇଁ ରେଙ୍ଗାଲି ତହସିଲଦାରଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

### ପଦାର୍ଥ ବିଜ୍ଞାନ ବିଭାଗର ୱେବିନାର

ରେଢାଖୋଲ,୨୯।୧(ଡି.ଏନ.ଏ.): ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଗୁରୁବାର ୱେବିନାର ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ଓ ଆଭ୍ୟନ୍ତରୀଣ ଗୁଣବା ନିର୍ଦ୍ଧାରଣ ସମିତିର ମିଳିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବାଳାଦିତ୍ୟ ଶ୍ରୀଚନ୍ଦନ ସିଂ ଅଧ୍ୟକ୍ଷତା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅରୁଣ କୁମାର ଶାସନୀ ଅତିଥି ପରିଚୟ ଦେଇଥିଲେ। ଟେନିସ ବିଶ୍ୱବିଦ୍ୟାଳୟ, ଯୁକ୍ତରାଷ୍ଟ୍ର ଆମେରିକାରେ ଗବେଷଣାରତ ଯୁବ ବୈଜ୍ଞାନିକ ଡ. ଧୀରେନ କୁମାର ପ୍ରଧାନ ଦୈନନ୍ଦିନ ଜୀବନ ତଥା ଭବିଷ୍ୟତରେ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଆଭ୍ୟନ୍ତରୀଣ ଗୁଣବା ସମିତି ସଂଯୋଜକ ପ୍ରାଧ୍ୟାପକ ଦିଲୀପ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଦୀପିକା ଜେନା ଧନ୍ୟବାଦ ଦେଇଥିଲେ। ଡେମୋନଷ୍ଟ୍ରେଟର ମୋତିଲାଲ ପ୍ରଧାନ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଚାଷୀ ସମସ୍ୟା ନେଇ ଗଣଧାରଣା

**ସମ୍ବଲପୁର**
- ଜରୁରୀ ମଣ୍ଡି ଖୋଲି ଧାନ ସଂଗ୍ରହ ହେଉ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସମ୍ବଲପୁର,୨୯।୧(ବ୍ୟୁରୋ)

ପୂର୍ବ ଘୋଷଣା ମୁତାବକ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରି ନାଏକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ଶଶିଭୂଷଣ ତ୍ରିପାଠୀ, ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଡିଏମ୍ ଉମାକାନ୍ତ ରାଜ ବିକ୍ଷୋଭ ସ୍ଥଳକୁ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ର ଗ୍ରହଣ କରିଥିଲେ। ବିଧାୟକ ନାଏକ କହିଥିଲେ, ଜିଲାରେ ୬୦ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ଚାଷୀମାନେ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପାର ଗଣଧାରଣା ।

ଖୋଲା ଆକାଶ ତଳେ ଏହାକୁ ଜଗି ବସିଛନ୍ତି। ଟୋକନ୍ ଲାପ୍‌ସ ହୋଇଯିବାରୁ ସେମାନେ ଧାନ ବିକ୍ରି କରିପାରିଲେ ନାହିଁ। ବାରମ୍ବାର ଦାବି ପରେ ମଧ୍ୟ ସରକାର ସମସ୍ୟା ସମାଧାନ ପାଇଁ ଚେଷ୍ଟା କରୁନାହାନ୍ତି। ଅଚଳ ଟୋକନ୍ ପୁନଃ କାର୍ଯ୍ୟକ୍ଷମ, ଜରୁରୀ ମଣ୍ଡି ଖୋଲି ଧାନ ସଂଗ୍ରହ, ବସ୍ତା ସୁତୁଲି ବାବଦକୁ ଆସୁଥିବା ଟଙ୍କା ପ୍ରଦାନ ଆଦି ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ପ୍ରଧାନ, ସରସ୍ୱତୀ ମିର୍ଦ୍ଧା, ଚନ୍ଦ୍ରଶେଖର ପଣ୍ଡା, ରୁନୁ ପ୍ରଧାନ, ସୁଜାତା ଗୁରୁ, ଗୋପେଶ୍ୱରୀ ମାକର, କମଳା ସାହୁ, ବାସନ୍ତି ତରିଆ, ସୁରମା ପୋଢ, ପୁଷ୍ପାଞ୍ଜଳି ଜେନା, ଲକ୍ଷ୍ମୀ ଜେନା ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

# ଚାଷୀଙ୍କ ଲାଗି ଭାଜପାର ଦାବିପତ୍ର ପ୍ରଦାନ



ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣାରତ ଦଳୀୟ ନେତା ଓ କର୍ମୀ।

ରେଢାଖୋଲ,୨୯।୧(ଡି.ଏନ.ଏ.)

ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଭାଜପା ପକ୍ଷରୁ ଶୁକ୍ରବାର ରେଢାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ରାମମନ୍ଦିରଠାରୁ ଭାଜପା କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଡା. ରାଜକୁମାର ବଡପଣ୍ଡା, ସୀମାଞ୍ଚଳ ଖଟେଇ, ପ୍ରତାପ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରମୋଦ ସାହୁ, ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ ପ୍ରମୁଖ ସାମିଲ ହୋଇଥିଲେ।

# ମଣ୍ଡିରୁ ଧାନ ଉଠାଇବା ଦାବିରେ ବିକ୍ଷୋଭ




ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

କୁଚିଣ୍ଡା, ୨୯।୧(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମଣ୍ଡିରେ ବିକ୍ରି ନ ହୋଇ ପଡି ରହିଥିବା ଧାନ ଉଠାଇବା, ଅଚଳ ଟୋକନ୍ ପୁନଃ କାର୍ଯ୍ୟକ୍ଷମ ଭଳି ୯ଦଫା ଦାବିରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କୁଚିଣ୍ଡା କଳା ପରିଷଦ ପରିସରରୁ ଭାଜପା କର୍ମୀ, ନେତାମାନେ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ରାଜ୍ୟ ସରକାର ତଥା ସ୍ଥାନୀୟ ବିଧାୟକଙ୍କୁ ବର୍ଷିବା ସହ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ପ୍ରକାଶ କରିଥିଲେ। ଆନ୍ଦୋଳନରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ଚୈତ୍ରା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ବରିଷ୍ଠ ନେତା ଶୈଳେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟା ମମତା ପଟେଲଙ୍କ ସମେତ କୁଚିଣ୍ଡା, ବାମରା, ଜମନକିରା ବ୍ଲକର ବହୁ ନେତା ଓ କର୍ମୀ ସାମିଲ ଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଭାଜପାର ବିକ୍ଷୋଭ ସମାବେଶ

ଲଖନପୁର,୨୯।୧(ଡି.ଏନ୍.ଏ.)

ଚାଷୀଙ୍କ ବହୁବିଧ ସମସ୍ୟାକୁ ନେଇ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଝାରସୁଗୁଡା ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣ ଦିଆଯାଇଥିଲା। ପରେ ୯ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଜରୁରିକାଳୀନ ମଣ୍ଡି ଖୋଲିବା, ମଣ୍ଡିରେ ପଡିରହିଥିବା ଧାନ ତୁରନ୍ତ ଉଠାଇବା, ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଅଚଳ ଟୋକନ୍ ପୁନଃ କାର୍ଯ୍ୟକ୍ଷମ, କଟନୀଛଟନୀ ବନ୍ଦ କରିବା, ଚାଷୀମାନଙ୍କୁ ପରିବହନ, ବସ୍ତା ଓ ସୁତୁଲି ଆଦି ଖର୍ଚ୍ଚ ପ୍ରଦାନ,




ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ।

ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରୁ ବଞ୍ଚିତ ଚାଷୀଙ୍କ ନାମ ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରଦାନ, ୧୦ଏକର ଜମିଥିବା ଚାଷୀଙ୍କୁ ଟୋକନ୍ ପ୍ରଦାନ କରି ଧାନକ୍ରୟ ଆଦି ଅନ୍ୟତମ। ଏହି ଗଣଧାରଣାରେ ଭାଜପା ଜିଲା ସଭାପତି ସାହୁ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ସୁନିଲ ପଣ୍ଡା, ବିମଳେନ୍ଦୁ ଭୋଳ, ରଘୁନନ୍ଦନ ପଣ୍ଡା, ବିଶାଳ ପତି, କୁନ୍ଦନ ସିଂହଦେଓ, ଚକାନନ୍ଦ ସା, ସୋନୁ ଥିରାନୀ, ବଲବିନ୍ଦର ସିଂହ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଇଣ୍ଟରସିଟି ଚଳାଚଳ ନେଇ ଆଲୋଚନା

ସମ୍ବଲପୁର, ୨୯।୧ (ବ୍ୟୁରୋ)

କରୋନା ଯୋଗୁ ଦୀର୍ଘମାସ ହେବ ସମ୍ବଲପୁର– ପୁରୀ ଇଣ୍ଟରସିଟି ଟ୍ରେନ ଚଳାଚଳ ବନ୍ଦ ରହିଛି। ସମ୍ପ୍ରତି ବିଭିନ୍ନ ଅଫିସ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନ ପୁନଃ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର– ପୁରୀ ଇଣ୍ଟରସିଟି ଟ୍ରେନ ଚଳାଚଳ କରିବାକୁ ହିନ୍ଦ୍ ମଜଦୁର ସଭା ଦାବି କରିଛି। ଶୁକ୍ରବାର ଏ ନେଇ ସଂଘର ଏକ ପ୍ରତିନିଧି ଦଳ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ପ୍ରଦୀପ କୁମାରଙ୍କ ସହ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ଦୀର୍ଘ ୫ ବର୍ଷରୁ ଅଧିକ ହେବ ଠିକା ଶ୍ରମିକମାନଙ୍କୁ ସମ୍ପୃକ୍ତ ଠିକା ସଂସ୍ଥା ହଇରାଣ କରୁଛି। ଏସ୍‌ସି କାର୍ଡ ଓ ପିଏଫ୍ ରସିଦ ଦିଆଯାଉ ନ ଥିବାବେଳେ ଠିକ୍ ସମୟରେ ଦରମା ପ୍ରଦାନ କରୁନାହାନ୍ତି। ଆଲୋଚନା ବେଳେ ପ୍ରତିନିଧି ଦଳ ଏହି ସମସ୍ୟା ଉପସ୍ଥାପନ କରିଥିଲା। ଖୁବ୍‌ଶୀଘ୍ର ଟ୍ରେନ ଚଳାଚଳ ସହ ଠିକା କର୍ମଚାରୀଙ୍କ ସମସ୍ୟା ସମାଧାନ ହେବ ବୋଲି ଡିଆର୍‌ଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ହିନ୍ଦ ମଜଦୁର ସଭା ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ଆବାହକ ସଞ୍ଜୀତ ମହାନ୍ତି, ମହମ୍ମଦ ସନାଉଲ୍ଲା, ଅନୁଜ ଜେନା, ସୁମିତ ପଟେଲ ପ୍ରମୁଖ ସାମିଲ ଥିଲେ।



ହିନ୍ଦ୍ ମଜଦୁର ସଭା ପ୍ରତିନିଧି ଦଳ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି ।

### ଏକ ଦିବସୀୟ କ୍ରିକେଟ: ବୁର୍ଡା ଚାମ୍ପିୟନ

ସମ୍ବଲପୁର, ୨୯।୧ (ବ୍ୟୁରୋ): ସମ୍ବଲପୁର ଜିଲା ଧନକଉଡା ବ୍ଲକ କୁନ୍ଦଗୁଣ୍ଡେରପୁର ଖେଳ ପଡିଆଠାରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବୁର୍ଡା ଓ ଭେଲୁଆପାଲି ମଧ୍ୟରେ ହୋଇଥିଲା। ଭେଲୁଆପାଲିକୁ ପରାସ୍ତ କରି ବୁର୍ଡା ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଭି. ରାମକ୍ରିଷ୍ଣା ମୁଖ୍ୟଅତିଥି, ପୋଲିସ ଅଧିକାରୀ ତପନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଅଶ୍ୱିନୀ ଭୁଏ ଓ ସଞ୍ଜୟ ସୁନା ମ୍ୟାଚ ପରିଚାଳନା କରିଥିଲେ। ପଦ୍ମଲୋଚନ ଭୋସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୋଲିସ ନାଁରେ ମାରପିଟ ଅଭିଯୋଗ

ସମ୍ବଲପୁର,୨୯।୧(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ନାମରେ ମାରପିଟ ଅଭିଯୋଗ ହୋଇଛି। ଚିହିଁକିପାଳ ଗ୍ରାମର ସୁଶୀଲ ଭୋଇ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଗୁରୁବାର ବିଳମ୍ବିତ ରାତିରେ ବୁର୍ଲା ପୋଲିସ ଘରକୁ ଆସି ସାଦା କାଗଜରେ ଦସ୍ତଖତ କରିବାକୁ କହିଥିଲା। ମନା କରିବାରୁ ଘରୁ ଟାଣିନେଇ ଜୋତା ଓ ବାଡ଼ିରେ ମାରିଥିଲେ। ପରିବାର ଲୋକେ ମୋତେ ବୁର୍ଲା ମେଡିକାଲ ଆଣିଛନ୍ତି। ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି, ସୁଶୀଲଙ୍କ ନାମରେ ମାରପିଟ ଓ ହତ୍ୟା ଉଦ୍ୟମ ଅଭିଯୋଗ ରହିଛି। ଜମିବାଡିକୁ ନେଇ ଅନ୍ୟପକ୍ଷ ସୁଶୀଲଙ୍କ ନାମରେ ଅଭିଯୋଗ କରିଛନ୍ତି। ଦିନବେଳେ ସେ ଘରେ ରହୁ ନ ଥିବାରୁ ସକାଳେ ପୋଲିସ ଯାଇଥିଲା। ଏହାର ଭିଡିଓ ପ୍ରମାଣ ରହିଛି। ପୋଲିସ ନାମରେ ସେ ମିଥ୍ୟା ଅଭିଯୋଗ କରିଛନ୍ତି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଚିକିତ୍ସା ଶିବିର

ସମ୍ବଲପୁର, ୨୯।୧ (ବ୍ୟୁରୋ)

ପଶୁସମ୍ପଦ ଗ୍ରାମାଞ୍ଚଳ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ। ତେଣୁ ଏହାର ସୁରକ୍ଷା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ। ଶୁକ୍ରବାର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆୟୋଜିତ ପଶୁ ସ୍ୱାସ୍ଥ୍ୟ ଓ କୀଟନାଶକ ଶିବିରରେ ବକ୍ତାମାନେ ଏହା କହିଛନ୍ତି। ରେଙ୍ଗାଲି ପ୍ରାଣୀ ଚିକିତ୍ସା ବିଭାଗ ମୁଖ୍ୟ ଡା. କ୍ଷୀରୋଦ ଚନ୍ଦ୍ର ପଟେଲ, ବଳରାମ ବିଶ୍ୱାଳ, ପୀତାମ୍ବର ରାଉତ ଯୋଗଦେଇ ପଶୁମାନଙ୍କର ସ୍ୱାସ୍ଥ୍ୟର ଯତ୍ନ କିପରି ନିଆଯିବ ସେ ଉପରେ ଆଲୋକପାତ କରିଥିଲେ। ଏଥିସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଅଧିକାରୀ ଶ୍ୱେତା ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦୩ କେନ୍ଦ୍ରରେ ମଶାରି ବିତରଣ

ଲଖନପୁର,୨୯।୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲଖନପୁର ବ୍ଲକ୍‌ର ଭିକମପାଲି, ରମ୍ପେଲା ଓ ଲଖନପୁର ପଞ୍ଚାୟତରେ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭିକମପାଲି ପଞ୍ଚାୟତରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟ, ଡା.ଏମ୍‌ଏମ୍ ପଣ୍ଡା, ଡା. ବୈକୁଣ୍ଠନାଥ କଶ୍ୟପ, ସରପଂଚ କୃଷ୍ଣ କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରମ୍ପେଲା ପଞ୍ଚାୟତରେ ବ୍ଲକ୍ ଅଧ୍ୟକ୍ଷା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲଖନପୁର ପଞ୍ଚାୟତରେ ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ ମୁଖ୍ୟଅତିଥି, ସରପଞ୍ଚ ନିରୁପମା ଧୁରୁଆ, ପିଏଚ୍‌ଇଓ ସ୍ୱର୍ଣ୍ଣପ୍ରଭା କୁଜୁର, ବିପିଏମ୍ ଆଶୁତୋଷ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଶାରି ବଣ୍ଟନ କରିଥିଲେ। ଲଖନପୁର ବ୍ଲକ୍‌ର ୨୦୩ ବିତରଣ କେନ୍ଦ୍ରରେ ଏହା ବିତରଣ କରାଯାଇଛି।

# ଜୟ ଜଗନ୍ନାଥ କ୍ରିକେଟ: ପରୁଆଭାଡ଼ି ବିଜୟୀ



ଦୁଇଦଳର ଖେଳାଳିଙ୍କ ସହ ଅତିଥି।

ଜମନକିରା, ୨୯।୧(ଡି.ଏନ.ଏ.)

ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ା ଖେଳ ପଡ଼ିଆରେ ଜୟ ଜଗନ୍ନାଥ କ୍ଲବ୍ ଆନୁକୂଲ୍ୟରେ ୧୯ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ପରୁଆଭାଡ଼ି ଓ ବାହାମ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ପରୁଆଭାଡ଼ି ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ସମସ୍ତ ଉଇକେଟ ହରାଇ ୭୪ ରନ କରିଥିଲା। ଜବାବରେ ବାହାମ ଦଳ ୬୫ ରନ୍ କରି ୯ ରନ୍‌ରେ ପରାଜିତ ହୋଇଥିଲା। ଗୁଡୁରାପଡ଼ା ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ ମୁଖ୍ୟଅତିଥି ଓ ଭୋଜପୁର ସରପଞ୍ଚ ଟିକେଶ୍ୱର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲିପନ ନାଏକ, ରୁଦ୍ରମଣି ରଣା ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ସଭ୍ୟ ପ୍ରଦୀପ କଛୁପ, ଖେତ୍ରମଣି କିଷାନ, ପରେଶ ଗର୍ଡ଼ିଆ, ମୁନା ରଣା ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାକଡ଼ରେ ଗଞ୍ଜେଇ, ଲୋକଙ୍କ ଭିଡ଼

**ସମ୍ବଲପୁର**
- ଅନ୍‌ଲୋଡ କରି ଗାଡ଼ି ଫେରାର
- ପୋଲିସ ପାଖରେ ଖବର ନାହିଁ

ସମ୍ବଲପୁର,୨୯।୧(ବ୍ୟୁରୋ)

ସମ୍ବଲପୁର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଝାଙ୍କରପାଲି କେନାଲ ନିକଟ ରାସ୍ତା କଡରେ ଶୁକ୍ରବାର ଗଞ୍ଜେଇ ପଡିଥିବା ଶୁଣି ଲୋକଙ୍କ ଭିଡ଼ ଜମିଥିଲା। ସକାଳ ପ୍ରାୟ ୬ଟାରୁ ୮ଟା ପର୍ଯ୍ୟନ୍ତ ଏହି ଭିଡ଼ ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ସବୁ ଗଞ୍ଜେଇ ରାସ୍ତାକଡରୁ ସଫା ହୋଇଯାଇଥିଲା। କେତେକ ଲୋକ କହିଛନ୍ତି, ଭୋର ସମୟରେ ଏକ ୪ ଚକିଆ ଗାଡିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ଶର୍ଟସର୍କିଟ ଯୋଗୁ ଗାଡ଼ି ଅଟକି ଯାଇଥିଲା। ସୂର୍ଯ୍ୟ ଉଦୟ ହେବାରୁ ଧରାପଡିଯିବା ଭୟରେ ଦୁର୍ବୃତ୍ତମାନେ ଗଞ୍ଜେଇ ଫିଙ୍ଗିଦେଇ ଗାଡି ନେଇ ଫେରାର ହୋଇଯାଇଥିଲେ। ଅନ୍ୟ କେତେକ ଲୋକ କହିଛନ୍ତି, ରାସ୍ତା କଡ ଖାଇକୁ ଗାଡି ପଶିଯାଇଥିଲା। ଗଞ୍ଜେଇ ଅନ୍‌ଲୋଡ କରିବା ପରେ ପୁଣି ଗାଡିକୁ ଉଠାଇ ସେମାନେ ଚାଲି ଯାଇଥିଲେ। ଅନ୍ୟପକ୍ଷେ ବସ୍ତାରେ ଭର୍ତ୍ତି ଥିବା ପ୍ରାୟ ୧୦ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ କେତେକ ଲୋକ ନେଇଥିବା ଆଲୋଚନା ହେଉଛି। ସକାଳ ସମୟରେ ଲୋକ ଭିଡ କରିଥିଲେ ମଧ୍ୟ ଗଞ୍ଜେଇ ପାଇ ନ ଥିବା ସ୍ଥାନୀୟ ଅଦିବାସୀମାନେ କହିଛନ୍ତି। ଏ ନେଇ ସଦର ପୋଲିସ ପାଖରେ କୌଣସି ଠିକ୍ ସୂଚନା ନ ଥିବା ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କଠାରୁ ଖବର ପାଇ ଘଟଣାସ୍ଥଳକୁ ଯାଇଥିଲୁ। ହେଲେ ସେଠାରେ ଗଞ୍ଜେଇ ପଡି ନ ଥିଲା। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା କରାଯାଉଛି। ତେଣୁ ଦୁର୍ବୃତ୍ତମାନେ ଭୟରେ ଗଞ୍ଜେଇ ଫିଙ୍ଗିଦେଇ ଚାଲି ଯାଇଥିବେ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି ବୋଲି ସେ କହିଥିଲେ।



ରାସ୍ତାକଡରେ ଗଞ୍ଜେଇ ପଡିଥିବା ନେଇ ଲୋକମାନେ ଦେଖୁଛନ୍ତି ।

## ଯୁବକଙ୍କୁ ଆକ୍ରମଣ: ୨ ଗିରଫ

ରାଉରକେଲା ଅଫିସ, ୨୯ ।୧: ରଘୁନାଥପାଲି ଥାନା ଅନ୍ତର୍ଗତ ଗାଡେନ୍‌ବାର ସମ୍ମୁଖରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଉକ୍ତ ଘଟଣାର ତଦନ୍ତ କରି ପୋଲିସ ଶଶାଙ୍କ ଶେଖର ସାମଲ(୩୨) ଓ ଜୟନ୍ତ କୁମାର ଧଳ(୩୦)ଙ୍କୁ ଗିରଫ କରିଛି। ସନ୍ଧ୍ୟା ସମୟରେ ଜୟନ୍ତ ଓ ଶଶାଙ୍କ ଗାଡ଼େନବାର ନିକଟରେ ଥିବା ପାନଗୁମୁଟିରେ ବସିଥିଲେ। ଏହି ସମୟରେ ବାସନ୍ତୀ କଲୋନି ଅଞ୍ଚଳରେ ବାସ କରୁଥିବା ଅଭିନାଶ ସାମଲ ଉକ୍ତ ରାସ୍ତାଦେଇ ଏସ୍‌ଟିଆଇ ପଟେ ଯାଉଥିଲେ। ଶଶାଙ୍କ ଅଭିନାଶକୁ ଯାଉଥିବା ଦେଖି ତାଙ୍କୁ ବାଟରେ ଅଟକାଇ ଟଙ୍କା ମାଗିଥିଲେ। ଅଭିନାଶ ଟଙ୍କା ନ ଦେବାରୁ ତାଙ୍କୁ ଦୁଇଜଣ ମିଶି ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ଜୟନ୍ତ ଓ ଶଶାଙ୍କଙ୍କୁ ଗିରଫ କରିଛି।

### ସଂକ୍ଷେପରେ

## ଚୋରା କାଠ ଚାଲାଣ: ଜଣେ ଗିରଫ

ରାଉରକେଲା ଅଫିସ,୨୯ ।୧: ଗୁରୁବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଙ୍ଗ ସମୟରେ ଚୋରାକାଠ ଚାଲାଣ ହେଉଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ନିଆମୁଦ୍ଦିନ ଅଲ୍ଲୀ(୨୭) । ଟ୍ରକ ଗାଡ଼ି ନଂ (ଜେଏଚ୍ ୦୫ଏ ୨୫୦୫) ଯୋଗେ ୧୪୩ନଂ ଜାତୀୟ ରାଜପଥ ଦେଇ ରାଉରକେଲା ଅଭିମୁଖେ ଆସୁଥିଲା। ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ଏହି ଗାଡ଼ିକୁ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ପୋଲିସ ୩୪ ଖଣ୍ଡ ଶାଳଗଣ୍ଡିକୁ ଉଦ୍ଧାର କରିଥିଲା। ପରେ ବନ ଅଧିକାରୀଙ୍କୁ ଖବର ଦେଇଥିଲା। ଖବରପାଇ ବନବିଭାଗ ଉକ୍ତ ଗାଡ଼ିକୁ ଜବତ କରିବା ସହ ଗାଡ଼ି ଡ୍ରାଇଭରକୁ ଗିରଫ କରିଥିଲା।

## କରୋନା ଯୋଦ୍ଧା ସମ୍ମାନ ପାଇଲେ ସରପଞ୍ଚ



ବଡଗାଁ, ୨୯।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର ସରପଞ୍ଚ ହରିପ୍ରିୟା ପ୍ରଧାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ କରୋନା ଯୋଦ୍ଧା- ୨୦୨୧ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ପ୍ରଧାନ ପ୍ରବାସୀ ଶ୍ରମିକଙ୍କୁ କ୍ୱାରେନଟାଇନ ସେଣ୍ଟରରେ ରଖିବା ଓ କରୋନାର ମୁକାବିଲା ଦିଗରେ ନିଷ୍ଠାପର କାର୍ଯ୍ୟ, ସେବା ମନୋଭାବ, କର୍ତ୍ତବ୍ୟ ପରାୟତା ପାଇଁ ତାଙ୍କୁ ଜିଲାପାଳ ନିଖିଲ ପଓନ କଲ୍ୟାଣ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ପଲ୍‌ସ ପୋଲିଓ ସଚେତନତା କାର୍ଯ୍ୟକ୍ରମ



ଦେବଗଡ଼,୨୯।୧ (ଡ଼ି.ଏନ୍.ଏ.) : ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଲସ୍ ପୋଲିଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଅର୍ପିତା ଶାନ୍ତୀ ଲାକ୍ରା ପଲସ୍ ପୋଲିଓ ସଚେତନତା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଜାନୁୟାରୀ ୩୧ ଠାରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଜାତୀୟ ପଲସ୍ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାରୁ ଜନ୍ମ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ଯେମିତି ପଲସ୍ ପୋଲିଓର ଡ଼ୋଜ୍ ଖାଇପାରିବେ ସେଥିପାଇଁ ପ୍ରତ୍ୟେକ ଗ୍ରାମରେ ଏହାର ପ୍ରଚାର ଅଭିଯାନ କରାଯିବ । ସେହିପରି ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚ୍‌ଇଓ ନିଶାକର ବେହେରା ସମସ୍ତ ଆଶା ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ପଲସ୍ ପୋଲିଓ ଟୀକାଦାନ ବିବରଣୀ ବୁଝାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ା.ଗଙ୍ଗାଧର ପ୍ରଧାନ,ଦେବାଶିଷ ପ୍ରଧାନ,ଫାର୍ମାସିଷ୍ଟ ଟିକନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ସହ ଆଲୋଚନା ବିଫଳ

- ବଲିଙ୍ଗା -ଟପରିଆ ରାସ୍ତାର ଗାଁ ମଝିରେ କୋଇଲା ପରିବହନ
- ବିରୋଧ କରି ଚାଲିଥିବା ଆନ୍ଦୋଳନ ୧୧ଦିନରେ
- ଜିଦ୍‌ରେ ଅଟଳ ଆନ୍ଦୋଳନକାରୀ

ସୁନ୍ଦରଗଡ,୨୯।୧ (ଡି.ଏନ୍.ଏ)



ଜିଲାପାଳ ନିଖିଲ ପବନ କଲ୍ୟାଣ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବସୁନ୍ଧରା କୋଇଲା ଖଣିରୁ ବଲିଙ୍ଗା -ଟପରିଆ ରାସ୍ତାର ଗାଁ ମଝିଦେଇ ହେଉଥିବା କୋଇଲା ପରିବହନକୁ ବନ୍ଦ ଓ ପ୍ରଦୂଷଣର କ୍ଷୟକ୍ଷତି ପାରିପାର୍ଶ୍ୱିକ ମୂଲ୍ୟ ପ୍ରଦାନ ଦାବିରେ ଜନଶକ୍ତି ବିକାଶ ପରିଷଦ ଓ ଅଞ୍ଚଳବାସୀଙ୍କ ତରଫରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୧୧ଦିନରେ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହିତ ବାରମ୍ବାର ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ବାଟ ଫିଟି ନ ଥିବା ବେଳେ ଆନ୍ଦୋଳନକାରୀମାନେ ନିଜ ଦାବି ଜିଦରେ ଅଟଳ ରହିଛନ୍ତି। ଜିଲାପାଳ ନିଖିଲ ପବନକଲ୍ୟାଣ ଶୁକ୍ରବାର ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଏହି ଆଲୋଚନା ବିଫଳ ହୋଇଛି। ଉପଜିଲାପାଳ ଶନିବାର ଓ ବୁଧବାର ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନାକରି ଡିଏମ୍‌ଏଫ ପାଣ୍ଠିରୁ ୧୪୬କୋଟି ଟଙ୍କା ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ହୋଇଥିବା କହି ଆନ୍ଦୋଳନରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ଜିଲାପାଳ ମଧ୍ୟ ଶୁକ୍ରବାର ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ଏହି କଥା କହି ରାସ୍ତା ନିର୍ମାଣ ପରେ ପ୍ରଦୂଷଣ ମାତ୍ରା କମିଯିବ । ଏଣୁ ଆନ୍ଦୋଳନରୁ ନିବୃତ୍ତ ହେବାକୁ କହିଥିଲେ। ଏପରିକି ଏହି ରାସ୍ତାରେ କୋଇଲା ପରିବହନ ଧାର୍ଯ୍ୟ ସମୟ ଉପରେ କଟକଣା ଅବଧିକୁ ବୃଦ୍ଧି କରିବାକୁ କହିଥିଲେ। ହେଲେ ଆନ୍ଦୋଳନକାରୀମାନେ ଏହି ପ୍ରସ୍ତାବକୁ ଗ୍ରହଣ ନ କରି ରାସ୍ତା ନିର୍ମାଣ ଆମ ଦାବି ନୁହେଁ, ଗାଁ ମଧ୍ୟଦେଇ କୋଇଲା ପରିବହନ ବନ୍ଦ ପାଇଁ ଅଡିବସି ଦାବି କରିଥିଲେ । ଏପରିକି ଆନ୍ଦୋଳନସ୍ଥଳରେ କୋଇଲା ପରିବହନ ଯୋଗୁ ହେଉଥିବା ପ୍ରଦୂଷଣ ପାଇଁ କଳାରଙ୍ଗ ପଡିଥିବା ଧାନ, କୋବି, ଲଙ୍କା ଗଛ ଆଦି ପନିପରିବା ଫସଲ ଆଦି ରଖି ବିରୋଧ ପ୍ରଦର୍ଶନ କରିଥିଲେ। ଏହି ୨ଟି ଦାବି ଉପରେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଏହି ରାସ୍ତାରେ ଛତିଶଗଡକୁ ହେଉଥିବା କୋଇଲା ପରିବହନ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଫଳରେ ଏମସିଏଲ୍ ର ବିପୁଳ ରାଜସ୍ୱ କ୍ଷତି ହେବାରେ ଲାଗିଛି। ଅପରପକ୍ଷରେ ଏହି ଜନ ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ରାଜେନ୍ଦ୍ର ନାଏକ, ଜିଲାପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ, ଜିଲାପରିଷଦ ସଭ୍ୟ ପୁରବୀ ନାଏକ, ବାଲ୍ମିକୀ ନାଏକ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଛନ୍ତି।

# ଜାତୀୟ ପତାକାକୁ ଅସମ୍ମାନ



ଜାତୀୟ ପତାକାକୁ ବାଉଁଶରେ ଗୁଡାଇ ସ୍କୁଲ ବାରଣ୍ଡାରେ ଫିଙ୍ଗି ଦିଆଯାଇଛି।

ବାଲିଶଙ୍କରା, ୨୯।୧ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବିରକାଲଡିହି ଗ୍ରାମପଞ୍ଚାୟତର ବୁଡାଝରନ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକାର ଅସମ୍ମାନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ ପରେ ସେହିଦିନଠାରୁ ଜାତୀୟ ପତାକାକୁ ଏକ ବାଉଁଶରେ ଗୁଡାଇ ସ୍କୁଲ ବାରଣ୍ଡାରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳୁଛି। ଉକ୍ତ ପତାକାଟି ଗତ ୩ଦିନ ଧରି ଏଭଳି ଅବସ୍ଥାରେ ପଡି ରହିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଜାତୀୟ ପତାକାର ଏଭଳି ଅବମାନନାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏ ଦିଗରେ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି।

# ତୁମକଲା ଦଳ ଚାମ୍ପିୟନ

### ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ଲହୁଣୀପଡା, ୨୯।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବହୁମୁଖି ଖେଳ ପଡିଆଠାରେ ସାଧାରଣତନ୍ତ୍ର ଦିବସ ଅବସରରେ ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଏକ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁ, ସରପଞ୍ଚ ଜୁଲିଆନି କାଣ୍ଡିର, ଡା. ଦେବାଶିଷ ସାହୁ, ଭୁବନେଶ୍ୱର ବେହେରା ଯୋଗଦେଇଥିଲେ। ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି ବେଣୁଧର ମାହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ମନ୍ମଥ ମାହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କୁ ମୁଖ୍ୟ ଗେଟ ଠାରୁ ମଞ୍ଚ ନିକଟକୁ ପାଛୋଟି ଆଣିଥିବା ବେଳେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ଭଲିବଲ ଖେଳକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଦିବାରାତ୍ର ଭଲିବଲ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଶିହିଡିହା ଦଳକୁ ହରାଇ ତୁମକଲା ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଥିଲା। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜିବ କୁମାର ଚାନ୍ଦ, ଆଶିଷ କୁମାର ପ୍ରଧାନ, ସଞ୍ଜିବ ମାହାନ୍ତି ସୁଶାନ୍ତ କୁମାର ଗଉଡ, ରାମଚନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନର ନିକୁଞ୍ଜ ସିଂ, ମନୋଜ ମାହାନ୍ତ, ନେଲସନ ହେମ୍ବ୍ରମ, ଉମର ହୋସେନ, ଟିଙ୍କିନା ପ୍ରଧାନ, ସୁଧାଂଶୁ ମାହାନ୍ତ, ଲକି ରାଉତ, ହିମାଂଶୁ ମାହାନ୍ତ, ରିଙ୍କୁ ବେହେରା, ବିହାର ରଞ୍ଜନ ମାହାନ୍ତ ପ୍ରମୁଖଙ୍କ ସମେତ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଭଲିବଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ପ୍ରସ୍ତାବିତ ହକି ଷ୍ଟାଡିୟମ ସ୍ଥାନ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

ବଡ଼ଗାଁ, ୨୯।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମଟାମରା ଗ୍ରାମରେ ପ୍ରସ୍ତାବିତ ହକି ଷ୍ଟାଡିୟମ ସ୍ଥାନକୁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ସନ୍ଧ୍ୟାରେ ପରିଦର୍ଶନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡେଇ, ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ବିଜେଡି କର୍ମକର୍ତ୍ତା ସୁନିତା ବିଶ୍ୱାଳ, ଦେବାଶିଷ ମିଶ୍ର, ବଡଗାଁ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ବିନୟ କୁଲୁ, ବିଇଓ ସାରଙ୍ଗଧର ବରିହା ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ସୁନ୍ଦରଗଡ ଜିଲାରେ ହକି ଖେଳ ନୁହେଁ ଏହା ଯେପରି ପରମ୍ପରା ଓ ସଂସ୍କୃତି ବୋଲି କହିଥିଲେ। ଏହି ଜିଲା ହକିରେ ଅନେକ ତାରକା ସୃଷ୍ଟି କରିଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଜିଲାରେ ହକିର ବିକାଶ ଓ ଖେଳାଳୀମାନଙ୍କୁ ଉଚ୍ଚକୋଟିର ତାଲିମ ଦେଇ ଖେଳାଳୀ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସମସ୍ତ ବ୍ଲକରେ ହକି ଷ୍ଟାଡିୟମ ନିର୍ମାଣ ପାଇଁ ଅନୁଦାନ ଦିଆଯିବ ବୋଲି କହିଥିଲା ବେଳେ ମଟାମରା ଗ୍ରାମରେ ୩ କୋଟି ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ କରାଯିବ ସୂଚନା ଦେଇଥିଲେ । ମନ୍ତ୍ରୀଙ୍କ ସହିତ ଅତିଥିମାନେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଗୁଡିକ ଉପରେ ଆଲୋକପାତ କରି ସହଯୋଗ କାମନା କରିଥିଲେ ।

# ମଣ୍ଡିରୁ ଧାନ ଉଠାଇବା ଦାବିରେ ଭାଜପାର ବିକ୍ଷୋଭ



ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ,୨୯ ।୧

ପାନପୋଷ ଉପ ଜିଲାପାଳ କାର୍ଯ୍ୟାଳୟ ନିକଟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶତାଧିକ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାରଣା ନୀତି ବିରୁଦ୍ଧରେ ଓ ଚାଷୀ ଅଧିକାର ପାଇଁ ଭାଜପା ପକ୍ଷରୁ ଏହି ଗଣଧାରଣା ଦିଆଯାଇଥିଲା। ଏଥିରେ ଭାଜପାର କର୍ମୀମାନେ ମୁଖ୍ୟତଃ ୮ଟି ଦାବିକୁ ନେଇ ଆନ୍ଦୋଳନ କରିଥିଲେ। ରାଜ୍ୟରେ ଥିବା ବିଭିନ୍ନ ମଣ୍ଡିଗୁଡ଼ିକରେ ପଡ଼ି ରହିଥିବା ସମସ୍ତ ଧାନକୁ ତୁରନ୍ତ ଉଠାଇବା ସହ କଟନୀ ଓ ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା, ଉକ୍ତ କାର୍ଯ୍ୟରେ ଡିଏଲପିସିଙ୍କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଚାଷୀଙ୍କ ଖଳାରେ ପଡ଼ି ରହିଥିବା ସମସ୍ତ ଧାନକୁ କ୍ରୟ କରିବା, ବିଭିନ୍ନ ମଣ୍ଡିରେ ବଢୁଥିବା ମିଲର୍ସମାନଙ୍କର ଦୌରାତ୍ମ୍ୟକୁ ବନ୍ଦ କରିବା ଓ ରାଜ୍ୟରେ ଥିବା ସମସ୍ତ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିରେ ସାମିଲ କରିବା ଭଳି ଦାବିଗୁଡ଼ିକ ଦଳ ପକ୍ଷରୁ କରାଯାଇଥିଲା। ଏଥିରେ ଦଳର ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରଘୁନାଥପାଲି ବିଧାୟକ ପ୍ରାର୍ଥୀ ଜଗବନ୍ଧୁ ବେହେରା, ନିହାର ରାୟ, ଲଳିତା ପଟ୍ଟନାୟକ, ଦୀପକ ତିୱାରୀ, ଭଗବାନ ରାଉତ, ଅର୍ଜୁନ ଓରାମ, ଅଙ୍କୁଶ ବର୍ମା, ଶଙ୍କର ଜେନା, ଶେଖ ମୁଜାହିଦ, ବିନ୍ଦର ସିଂଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଭୁଜାଲି ମାଡ଼ ସହିତ ନଗଦ ୫୪ ହଜାର ଲୁଟ

### ପୋଲିସକୁ ଦେଖି ଲୁଟିବା ମହଙ୍ଗା ପଡିଲା

କୁତ୍ରା, ୨୯।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ପୋଲିସକୁ ଦେଖି ଲୁଟିବା ମହଙ୍ଗା ପଡିଲା ଟ୍ରକ ଡ୍ରାଇଭରଙ୍କୁ। ସୂଚନାରୁ ଜଣାପଡିଛି ଯେ, ଗତ ଗୁରୁବାର ରାତ୍ରି ପ୍ରାୟ ୩ଟା ସମୟରେ ଏକ ୧୪ ଚକିଆ ଟ୍ରକ ଏମଏଚ ୨୪ ଏବି- ୭୯୯୦ ଇଞ୍ଜିନ ପାର୍ଟ୍ସ ବୋଝେଇ କରି ମହାରାଷ୍ଟ୍ରର ନନ୍ଦେଡରୁ ଟାଟା ଅଭିମୁଖେ ଯାଉଥିଲା। କୁତ୍ରା ଥାନାର ପାଟ୍ରୋଲିଂ ଗାଡିକୁ ଦେଖି ଉକ୍ତ ଟ୍ରକର ଡ୍ରାଇଭର ଲୁଚିବାକୁ ଯାଇ ଗାଡିକୁ କୁତ୍ରା ପଟକୁ ମୋଡି ଦେଇ ଛିଡା ହୋଇଥିଲା। ପୋଲିସ ଗାଡି ଚାଲିଯିବା ପରେ ଏକ ବାଇକରେ ୩ଜଣ ଯୁବକ ଆସି ଛିଡା ଥିବା ୧୪ ଚକିଆ ଟ୍ରକର ଝରକା ଭାଙ୍ଗି ଗାଡି ଭିତରକୁ ପ୍ରବେଶ କରିଥିଲେ । ଗାଡି ଭିତରେ ଶୋଇଥିବା ଡ୍ରାଇଭର ନୈନେଶ୍ୱର ରାଜଭାଇ ଓ ଜୀବନ ଲୈହବନ୍ଦେଙ୍କୁ ଧମକ ଦେବା ସହିତ ଡ୍ରାଇଭର ଜୀବନଙ୍କୁ ଭୁଜାଲିରେ ଆକ୍ରମଣ କରି ତାଙ୍କ ଠାରୁ ୫୪ ହଜାର ଟଙ୍କା, ୨ଟି ମୋବାଇଲ ଫୋନ ଓ ଡ୍ରାଇଭରର ଲାଇସେନ୍ସ ଲୁଟିନେଇ ଚାଲିଯାଇଥିଲେ । ଗାଡି ଡ୍ରାଇଭରମାନେ ଅଭିଯୋଗ କରିବା ପାଇଁ କୁତ୍ରା ଥାନାକୁ ଯାଇଥିଲେ । କିନ୍ତୁ ଥାନାରେ କୌଣସି ଷ୍ଟାଫଙ୍କୁ ନ ପାଇ ଫେରି ଯାଇଥିଲେ। ଏନେଇ କୁତ୍ରା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି ।

# ଚାଷୀ ଅଧିକାର ପାଇଁ ଭାଜପାର ଗଣଧାରଣା




ଭାଜପା କର୍ମୀଙ୍କ ଆନ୍ଦୋଳନ।

ଦେବଗଡ଼,୨୯।୧ (ଡ଼ି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଚାଷୀମାରଣା ନୀତି ବିରୁଦ୍ଧରେ ଓ ଚାଷୀ ଅଧିକାର ପାଇଁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପିନାଥ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ର ବାହାରି ନଗର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଞ୍ଚି ଗଣଧାରଣାରେ ବସିଥିଲେ । ମଣ୍ଡିରୁ ସମସ୍ତ ଧାନ ଉଠେଇବା,ମଣ୍ଡିଗୁଡ଼ିକୁ ସୁବ୍ୟବସ୍ଥିତ ଓ ସୁପରିଚାଳନା କରିବା, କଟ୍‌ନୀ ଛଟ୍‌ନୀ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ମଣ୍ଡି ଗୁଡ଼ିକରେ ମିଲର୍ସ ମାନଙ୍କର ଦୌରାତ୍ମ୍ୟ ବନ୍ଦ କରିବା ଆଦି ଦାବିସହ ବିଭିନ୍ନ ସରକାର ବିରୋଧ ନାରାବାଜି ଦେଇ ଗଣଧାରଣା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ମୀନକେତନ ପ୍ରଧାନ,ସାଧାରଣ ସଂପାଦକ ଭାରତ ଭୂଷଣ ପ୍ରଧାନ, ସଚିକାନ୍ତ ଦାଶ, ସରୋଜ ପାଢ଼ୀ, ମୋତିଲାଲ ଶର୍ମା, ରଜେନ୍ଦ୍ର ଆଚାର୍ଯ୍ୟ, ଶରତ ସାହୁ, ଯୋଗେଶ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ସତ୍ୟନାରାୟଣ ପାଣି, ରମଣୀ ଦାଶ, ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ସମ୍ପାଦକ ଜଗନ୍ନାଥ ବେହେରା, ଯୁବ ମୋର୍ଚ୍ଚା ସଭାପତି ସାନୁ ଘଡ଼େଇ, ସାଧାରଣ ସମ୍ପାଦକ ସନ୍ତୋଷ ଭୁତିଆ, ନଗର ମଣ୍ଡଳ ସମ୍ପାଦକ ରମଣୀ ରଂଜନ ଆଚାର୍ଯ୍ୟଙ୍କ ସମେତ ବହୁ ନେତାକର୍ମୀ ଉପସ୍ଥିତ ଥିଲେ ।

# ପିଲାଙ୍କ ପାଇଁ ଆନନ୍ଦଘର ଉନ୍ମୋଚନ

ରାଜଗାଙ୍ଗପୁର, ୨୯।୧ (ଡି.ଏନ.ଏ)



ଆନନ୍ଦ ଘରର ଉଦ୍‌ଘାଟନ କରାଯାଉଛି।

ରାଜଗାଙ୍ଗପୁର ଥାନା ପରିସରରେ ଛୋଟ ପିଲାମାନଙ୍କ ପାଇଁ ଏକ ଆନନ୍ଦ ଘରର ଉନ୍ମୋଚନ ପଶ୍ଚିମାଞ୍ଚଳ ଆରକ୍ଷୀ ମହାନିରୀକ୍ଷିକା କବିତା ଜଲାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏହି ଅବସରରେ ଥାନା ପରିସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ଆରକ୍ଷୀ ମହାନିରୀକ୍ଷିକା ଯୋଗଦେଇ ଫିତା କାଟି ଉନ୍ମୋଚନ କରିବା ସହିତ ନିଜ ବକ୍ତବ୍ୟରେ ସୁନ୍ଦରଗଡ ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥଙ୍କର ଛୋଟ ପିଲାମାନଙ୍କ ପାଇଁ ମହାନ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ ଯୋଗଦେଇ ଏହି ଆନନ୍ଦ ଘରର ପ୍ରାଧାନ୍ୟତା ଉପରେ ବକ୍ତବ୍ୟ ରଖି ଛୋଟ ପିଲାମାନଙ୍କୁ ପୋଲିସର ସାଙ୍ଗ କରାଇ ତାଙ୍କ ଭିତରେ ଥିବା ଭୟକୁ ଦୂରେଇ ତାଙ୍କ ମାନସିକ ପରିସ୍ଥିତିକୁ ବୁଝି, ପିଡିତା ପିଲାମାନଙ୍କର ଆବଶ୍ୟକତା ଯୋଗାଇବା, ପିଲାମାନଙ୍କ ସହିତ ଭାବ ଆଦାନପ୍ରଦାନ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ଇତ୍ୟାଦି ପାଇଁ ଏହି ଆନନ୍ଦଘରର ପରିକଳ୍ପନା କରାଯାଇଅଛି । ଏହି ଆନନ୍ଦ ଘରରେ ଦୁଇଟି ମହିଳା ଶିଶୁ କଲ୍ୟାଣ ଅଧିକାରୀ ଭାବେ ରହିବେ ଓ ସେମାନେ ଶିଶୁ ନିୟମ ବିଷୟରେ ଭଲ ଭାବେ ଜାଣିଥିବେ । ଏହି ଘର ଦ୍ୱାରା ପୋଲିସ ଚାକିରୀ ପ୍ରତି ମଧ୍ୟ ଛୋଟ ପିଲାମାନଙ୍କର ରୁଚି ବଢ଼ିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ସଭା କାର୍ଯ୍ୟକୁ ଥାନାଧିକାରୀ ଗୋକୁଳାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଏସଡିପିଓ ଶଶାଙ୍କ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧି ପାଉଛି ଅପରାଧିକ କାର୍ଯ୍ୟକଳାପ

### ଦୁଇ ମାସ ହେଲା ବୀରମିତ୍ରପୁର ଥାନା ଅଧିକାରୀ ପଦ ଖାଲି

କୁଆଁରମୁଣ୍ଡା, ୨୯।୧(ଡି.ଏନ.ଏ.)

ସୁନ୍ଦରଗଡ଼ ପୋଲିସ ଜିଲା ଅନ୍ତର୍ଗତ ବୀରମିତ୍ରପୁର ଥାନା ଓଡ଼ିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଥାନା। ଫଳରେ ଅନେକ ସମୟରେ ଏହି ଥାନା ଅଞ୍ଚଳରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳର ଅପରାଧିମାନେ ସକ୍ରିୟ ରହିଥାଆନ୍ତି। ଏକଦା ଏହି ଥାନା ଅଞ୍ଚଳରେ ପିଏଲ୍‌ଏଫ୍‌ଆଇ (ପିପୁଲ୍ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆ), ପାହାଡି ଚିତା, ଜେଏଲଟି (ଝାଡଖଣ୍ଡ ଲିବରେସନ ଟାଇଗର) ଓ ଅନ୍ୟାନ୍ୟ ଛୋଟବଡ ଅପରାଧିକ ସଙ୍ଗଠନ ସକ୍ରିୟ ରହି ଅପରାଧ ଘଟାଇଥିବାର ନଜିର ରହିଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ଏହି ଥାନାରେ ଦକ୍ଷ ପୋଲିସ ଅଧିକାରୀ ଓ ଏସଡିପିଓଙ୍କୁ ନିଯୁକ୍ତି ଦେଇଥାଆନ୍ତି। ମାତ୍ର ଗତ ୬ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏହି ଥାନାରେ କାର୍ଯ୍ୟରତ ୨ଜଣ ଥାନାଧିକାରୀଙ୍କ ମଧ୍ୟରୁ ଜଣେ ଚାକିରୀରୁ ବହିଷ୍କାର ହୋଇ ଜେଲରେ ଥିବାବେଳେ ଅନ୍ୟ ଜଣେ ମହିଳା ଥାନା ଅଧିକାରୀ କର୍ତ୍ତବ୍ୟରେ ଖିଲାପ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଏହା ପରେ ପ୍ରାୟ ୨ ମାସ ହେଲା ଏହି ଥାନାରେ କୌଣସି ଥାନାଧିକାରୀ ନ ଥିବାରୁ ଏବେ ଏହା ଖାଲି ପଡିଛି। ଜଣେ ସବ୍‌ଇନ୍ସପେକ୍ଟର ଏବେ ଦାୟିତ୍ୱରେ ଅଛନ୍ତି। ଦୀର୍ଘ ୨ ମାସ ହେଲା ଏହି ଥାନାରେ କେହି ଥାନାଧିକାରୀ ନିଯୁକ୍ତ ହେଉ ନ ଥିବାରୁ ଅନେକ ଛୋଟବଡ ଅପରାଧ ଘଟୁଥିଲେ ମଧ୍ୟ ଅପରାଧିମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରୁ ନାହିଁ। ଦୀର୍ଘ ଦିନ ପରେ ମଧ୍ୟ ଅପରାଧିମାନେ ପୋଲିସ ଆଖିରେ ଧୂଳିଦେଇ ଖସି ଯାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୪ ମାସ ପୂର୍ବରୁ ଠିକାଦାର ପ୍ରଦୀପ କୁଣ୍ଡୁଙ୍କୁ ଅପରାଧିମାନେ ଅପହରଣ କରି ମୁଣ୍ଡ ଜାମିନ୍‌ରେ ଛାଡିଥିଲେ। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଉକ୍ତ ଅପହରଣ ଘଟଣାର ପର୍ଦ୍ଦାଫାଶ କରିପାରି ନାହିଁ କିମ୍ବା ଅପରାଧିମାନଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ସେହିପରି ସଦ୍ୟତମ ଡୁମେରଯୋର ପଞ୍ଚାୟତ ପରିସରରେ ଥିବା ଏସ୍‌ବିଆଇ ଶାଖାରୁ ସ୍ପଷ୍ଟ ଦିବାଲୋକରେ ୯ ଦୁର୍ବୃତ୍ତ ସଶସ୍ତ୍ର ଡକାୟତି କରି ୫ଲକ୍ଷ ୯୦ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ମାତ୍ର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଏହି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ମୋଟ ୬ଜଣ ଏବେ ବି ପୋଲିସ ଆଖିରେ ଧୂଳିଦେଇ ଫେରାର ଅଛନ୍ତି। ଏଣୁ ଉପରୋକ୍ତ ଘଟଣାବଳୀରୁ ସ୍ପଷ୍ଟ ହେଉଛି ଯେ, ବୀରମିତ୍ରପୁର ପୋଲିସ ଉପଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର ଥାନା ଅଞ୍ଚଳରେ ପୋଲିସ ଦୁର୍ବଳ ଥିବାରୁ ଅପରାଧିମାନେ ଖସି ଯିବାରେ ସଫଳ ହେଉଛନ୍ତି। ତେବେ ସୀମାନ୍ତବର୍ତ୍ତୀ ଏହି ଥାନାରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଥାନା ଅଧିକାରୀ ପଦରେ ଜଣେ ଦକ୍ଷ ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରିପୋର୍ଟ: ମହେନ୍ଦ୍ର ସାହୁ

## ଫୁଲିଝରଣ ରାସ୍ତାରେ ହାତୀ ଆତଙ୍କ

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣାଠାରୁ ଥୁଆମୂଳ ରାମପୁର ରାସ୍ତା ଶଗଡା ଘାଟି ନିକଟରେ ଗୁରୁବାର ସନ୍ଧ୍ୟାରେ ହାତୀ ଆତଙ୍କ ଦେଖିବାକୁ ମିଳିଥିଲା। ଫୁଲିଝରଣ ଓ ଶଗଡା ମଝି ଜଙ୍ଗଲରୁ ହାତୀ ରାସ୍ତା ଉପରକୁ ଚାଲି ଆସିଥିଲା। ଗଛ ଓ ଡାଳ ଭାଙ୍ଗି ରାସ୍ତା ଉପରେ ପକାଇ ଅବରୋଧ କରି ହାତୀ ଛିଡା ହୋଇ ରହିଥିଲେ। ଫଳରେ ରାସ୍ତାରେ ଉଭୟ ପାର୍ଶ୍ୱରେ ପ୍ରାୟ ୩୦ରୁ ଅଧିକ ଯାନବାହନ ଅଟକି ରହିଥିଲା। ଘଣ୍ଟାଏକାଳ ଏପରି ରାତି ପ୍ରାୟ ୮ଟାରେ ହାତୀ ରାସ୍ତାରୁ ହଟି ତଳକୁ ଚାଲି ଯାଇଥିଲା। ପରେ ଲୋକେ ଯାତାୟାତ କରିଥିଲେ। ଏହି ସ୍ଥାନରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଲୋକେ ବନ ବିଭାଗ ସହିତ ଯୋଗାଯୋଗ ମଧ କରିପାରି ନ ଥିଲେ। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୪ ଗୁରୁତର

ଲୋଇସିଂହା, ୨୯।୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଛକଠାରେ ଗୁରବାର ରାତିରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନେ ହେଲେ ଯୋଗୀସର୍ଡା ଗ୍ରାମର ବିକାଶ ସାହୁ, ବଲାଙ୍ଗୀର ପ୍ରଦୀପ ଚିରଗୁନ, ଆମପାଲିର ରବୀନ୍ଦ୍ର ଷାଣ୍ଡ, ବଲାଙ୍ଗୀରର ଶିବପ୍ରସାଦ ପୁରାହିତ। ଗୁରୁତରଙ୍କୁ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ପଲସର ବାଇକ (ନଂ. ଓଆର୦୫ଏଜେ-୩୨୧୨) ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ସିଡିଡିଲକ୍ସ ବାଇକ୍ (ନଂ. ଓଡି୦୩ଏନ-୯୪୧୮) ଉକ୍ତ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଲୋଇସିଂହା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: କୋଲିଗାଁ ବିଜୟୀ

ଜୁନାଗଡ, ୨୯।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡାଠାରେ ଗୁରୁବାର ଅପରାହ୍ନରେ ରମେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ସ୍ଥାନୀୟ ନବୋଦୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହାକୁ ଆୟୋଜନ କରାଯାଉଛି। ଉଦ୍ଘାଟନୀ ମ୍ୟାଚ୍ ଖଲିଆପାଲି ଓ କୋଲିଗାଁ ମଧରେ ଅନୁଷ୍ଠିତ ହୋଇଥିଲା। କୋଲିଗାଁ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଖଲିଆପାଲି ଦଳ ୫ ଉଇକେଟ ହରାଇ ୧୩୫ ରନ୍ କରି ପରାଜିତ ହୋଇଥିଲା। ଖେଳକୁ କଳାକାହ୍ନୁ ବାଣୁଆ ଓ ପ୍ରେମଲାଲ ପାତ୍ର ପରିଚାଳନା କରିଥିଲେ। ଉଦ୍ଘାଟାନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭାଜପା ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଅନୁଷ୍ଠାନର ସଭାପତି ନରୋତ୍ତମ ବାଣୁଆ, ସମ୍ପାଦକ ପ୍ରିୟବ୍ରତ ବାଣୁଆ, ଉପସଭାପତି ଟୁଲୁ ବାଣୁଆ, କୋଷାଧକ୍ଷ ନୀଳକଣ୍ଠ ବାଣୁଆ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେବେ ବୋଲି ଜଣାପଡିଛି।

### ନବନିଯୁକ୍ତ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ସ୍ୱାଗତ

କୋକସରା, ୨୯।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ କଳାହାଣ୍ଡି ଜିଲା ଭାଜପା ନବ ନିଯୁକ୍ତ ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁଙ୍କୁ ବୁଧବାର କୋକସରା ବ୍ଲକ ଭାଜପା ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଯୁବବର୍ଗକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରି ଦଳକୁ ତୃଣମୂଳସ୍ତରରେ ସୁଦୃଢ କରିବା କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ କହିଥିଲେ। ଏଥିରେ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ଉପସଭାପତି ଚକ୍ରଧର ବେଶ୍ରା, ସହ ସମ୍ପାଦକ ମଧୁବନ ପାତ୍ର, ଘନଶ୍ୟାମ ନାଏକ, ଗଣେଶ ନନ୍ଦ, ଦୁର୍ଗା ପ୍ରସାଦ ପ୍ରଧାନୀ, ଯଜ୍ଞଦତ୍ତ ପ୍ରଧାନୀ, ନରେନ୍ଦ୍ର ପ୍ରଧାନୀ, ପ୍ରମୋଦ ପଣ୍ଡା, ସୁଶୀଲ ପାଢୀ, ସୁଜିତ୍ ସିଂ ରାଜପୁତ, ସନ୍ତୋଷ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

### ରିଷିଡା ଅଞ୍ଚଳରେ ନିଆରା ପୁଷ୍ପୁନି ପାଳିତ

ରିଷିଡା, ୨୯।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ଗୁରୁବାର ପୁଷପୁନି ପାଳିତ ହୋଇଯାଇଛି । ପୁଷପୁନି ପଶ୍ଚିମ ଓଡିଶାର ଏକ ପୁରୁଣା କୃଷି ଭିତ୍ତିକ ପାରମ୍ପରିକ ଉତ୍ସବ। ଚାଷୀ ପରିବାର ବର୍ଷ ସାରା ପରିଶ୍ରମ କରି, ଉତ୍ପାଦିତ ଫସଲକୁ ଘରକୁ ଆଣିଲେ ଏହି ଫସଲକୁ ଦେଖି ଖୁସିରେ ଉତ୍ସବ ପାଳନ କରନ୍ତି। ଏଥିରୁ କିଛି ଅଂଶ ପ୍ରକୃତିକୁ ଦିଆଯାଇ ଛେର୍ ଛେରା ଦିଆଯାଏ । ପିଲାମାନେ ଖୁସିରେ ଏହି ଦିନ ଘରକୁ ଘର ବୁଲି ଚାଉଳ ସଂଗ୍ରହ କରି ଭୋଜିଭାତ କରନ୍ତି। ସେହିପରି ବର୍ଷ ସାରା କାମ କରୁଥିବା କୃଷି ଶ୍ରମିକଙ୍କୁ ନିଜର ପାଉଣା ଦେଇ ମୁକ୍ତ କରାଯାଇଥାଏ। ପୁଣି ଏହି ଦିନ ଠୁଁ ଚୁକ୍ତି ଭିତ୍ତିରେ କୃଷି ଶ୍ରମିକମାନଙ୍କୁ ରଖାଯାଇଥାଏ । ତେଣୁ ଉଭୟ ଚାଷୀ ଓ ଶ୍ରମିକ ଏହି ଉତ୍ସବକୁ ଅପେକ୍ଷା କରି ରହିଥାନ୍ତି ।

# ଡାକ୍ତର ନିଯୁକ୍ତି ନ ଦେଲେ ଆନ୍ଦୋଳନ

## ଲାଠୋର ଗ୍ରାମବାସୀଙ୍କ ଚେତାବନୀ

ଲାଠୋର,୨୯।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ରୋଗୀସେବାରେ ବାଧା ଉପୁଜୁଛି। ଏହାର ପ୍ରତିକାର ପାଇଁ ଲାଠୋର ଅଞ୍ଚଳବାସୀ ଆଗେଇ ଆସିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ନ ଦେଲେ ଆନ୍ଦୋଳନ ଜୋରଦାର ହେବ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଗ୍ରାମବାସୀ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ରାଜନେତାଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି।

ସୂଚନା ଅନୁସାରେ, ୧୯୭୫ ମସିହାରେ ଲାଠୋର ଗ୍ରାମରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ ହୋଇ ବର୍ତ୍ତମାନ ଏହା ଉପରେ


ଡାକ୍ତରଖାନା ସମସ୍ୟା ସମାଧାନ ପାଇଁ ଏକାଠି ହୋଇଥିବା ଗ୍ରାମବାସୀ।

ବଲାଙ୍ଗୀର ଜିଲାର ଖପ୍ରାଖୋଲ, ବେଲପଡା, ତୁରେକେଲା ବ୍ଲକ ଏବଂ ନୂଆପଡ଼ା ଜିଲା କୋମନା ବ୍ଲକର ପ୍ରାୟ ୩୦ ଖଣ୍ଡ ଗ୍ରାମର ୫୦ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଛନ୍ତି। ଏଠାରେ କାର୍ଯ୍ୟରତ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଗତ ତା୧୦।୩।୨୦୧୯ ରିଖରେ ଅନ୍ୟତ୍ର ବଦଳି କରାଯିବା ପରେ ଦୀର୍ଘ ୨୨ ମାସ ଧରି ତାଙ୍କ ସ୍ଥାନରେ କୌଣସି ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଗଲାନାହିଁ । ବରଂ ଜଣେ ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କୁ ଏଠାରେ ଦାୟିତ୍ୱ ଦେଇ ବିଭାଗ ଚୁପ୍ ବସିଛି। ଡାକ୍ତର ନିଯୁକ୍ତି ପାଇଁ ଗ୍ରାମବାସୀ ବହୁବାର ଆନ୍ଦୋଳନ, ଧାରଣା, ରାସ୍ତାରୋକୋ କରି ପ୍ରତିଶ୍ରୁତି ପାଇଥିଲେ ମଧ ଆଜି ଯାଏ ଡାକ୍ତର ନିଯୁକ୍ତି ହୋଇପାରି ନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୁର୍ଗାଚରଣ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ଏକ ବୈଠକ ବସିଥିଲା। ଏଥିରେ ୧୫ ଦିନ ମଧରେ ଡାକ୍ତର ନିଯୁକ୍ତି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

# ଡେଙ୍ଗପଦରରେ ସଶସ୍ତ୍ର ଡକାୟତି

ମନମୁଣ୍ଡା,୨୯।୧(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଡେଙ୍ଗପଦର ଗ୍ରାମର ପ୍ରଶାନ୍ତ ସାହୁ (୨୭)ଙ୍କ ଘରୁ ଗୁରୁବାର ରାତିରେ ଡକାୟତି ହୋଇଯାଇଛି। ଡକାୟତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଗୃହକର୍ତ୍ତା ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି।

ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ୮ଜଣ ଦୁର୍ବୃତ୍ତ ପିସ୍ତଲ, ଭୁଜାଲି ଇତ୍ୟାଦି ମାରଣାସ୍ତ୍ର ଧରି ପ୍ରଶାନ୍ତଙ୍କ ଘରେ ପଶିଥିଲେ । କବାଟ ଖୋଲିବା ଶବ୍ଦ ଶୁଣି ପ୍ରଶାନ୍ତ, ତାଙ୍କ ସ୍ତ୍ରୀ ଆରତୀ, ଅଜା, ଆଈ ଉଠିପଡି ପାଟି କରିଥିଲେ। ଡକାୟତମାନେ ସେମାନଙ୍କ ମୁଣ୍ଡରେ ପିସ୍ତଲ ଏବଂ ଭୁଜାଲି ଲଗାଇ ପାଟି କଲେ ମାରିଦେବାର ଧମକ ଦେବା ସହ ମାଡ ମାରିଥିଲେ । ଏହାପରେ ସେମାନେ ପ୍ରଶାନ୍ତଙ୍କ ଠାରୁ ଆଲମୀରା ଚାବି ନେଇ ୨ଟି ସୁନା ହାର, ଅନ୍ୟ ଅଳଙ୍କାର, ୧ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଓ ୨ଟି ମୋବାଇଲ ସେଟ ନେଇ ପଳାଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ମୁଖା ଲଗାଇଥିବା ବେଳେ ସମସ୍ତେ ଅଚିହ୍ନା ଥିଲେ ବୋଲି ଅଭିଯୋଗକାରୀଙ୍କ ଠାରୁ ଜାଣିବାକୁ ମିଳିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ଗୋପୀନାଥ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖ ରାତିରେ ମନମୁଣ୍ଡା ଥାନା ଦେଉଳି ଗ୍ରାମର ଗଣେଶ ପ୍ରସାଦ ମିଶ୍ରଙ୍କ ଘରୁ ଡକାୟତି ହୋଇଥିଲା । ଏହି ଅଞ୍ଚଳରେ ଦିନକୁ ଦିନ ଚୋରି , ଡକାୟତି ବୃଦ୍ଧି ପାଉଥିବାରୁ ସାଧାରଣ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ।

# କ୍ରିକେଟ ଟୁର୍ନାମେଣ୍ଟ: ସୁଲେକେଲା ଚାମ୍ପିୟନ



ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ବେଲପଡା, ୨୯।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସିହିନୀ ଗ୍ରାମ ହାଇସ୍କୁଲ ଖେଳ ପଡିଆଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ସିହିନୀ ଆନୁକୂଲ୍ୟରେ ଚାଲିଥିବା ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ସୁଲେକେଲା ବନାମ ବେଲପଡା ଟାଉନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ବେଲପଡା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ସୁଲେକେଲା ଦଳ ୧୧ ଓଭରରେ ୧୧୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। କମିଟି ସଭାପତି ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବୀତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସରୋଜ ମେହେର ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଦେଇ ସମ୍ମାନିତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ସୁଲେକେଲା ଦଳର ରାହୁଲ ଓ ମ୍ୟାନ ଅଫ୍ ଦି ସିରିଜ ରବୀନ୍ଦ୍ର ଓ ବେଷ୍ଟ ସିକ୍ସରରେ ବେଲପଡା ଦଳର ମୁନ୍ନାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଖେଳକୁ ଆମ୍ପୟର ସୁନୀଲ ତାଣ୍ଡି ଓ ସୁଶୀଲ ବେହେରା ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ଅର୍ଗେ ଖୁରା ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନା ଯେ ସିହିନୀ ଗ୍ରାମର ଉଦିୟମାନ କ୍ରିକେଟ ଖେଳାଳି ତଥା ବ୍ୟାଙ୍କ କର୍ମଚାରୀ ସ୍ୱର୍ଗତ ସମୀର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସିହିନୀ ଗ୍ରାମର କ୍ରିକେଟ କ୍ଲବ ପକ୍ଷରୁ ଏହି ଟର୍ନାମେଣ୍ଟ ଆୟୋଜିତ ହେଉଛି।

# ପାରମ୍ପରିକ ବିହନ, ଖାଦ୍ୟ ମହୋତ୍ସବ

କର୍ଲାମୁଣ୍ଡା, ୨୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ (ଆଇଜିଏସଏସଏସ) ଦୁଇ ଦିନିଆ ପାରମ୍ପରିକ ବିହନ ଓ ଖାଦ୍ୟ ମହୋତ୍ସବ ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ବୁଧବାର ପାରମ୍ପାରିକ ବିହନ ରଥ ଗାଁ ଗାଁ ବୁଲିବା ପରେ ଗୁରୁବାର ସକାଳୁ ବିଜାପାଟି ଗାଁରେ ଧରଣୀପୀଠରେ ମାଟି ମା' ଓ ବିହନର ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ବାହାରି ମହୋତ୍ସବ ପଡିଆରେ ପହଞ୍ଚିଥିଲା । ଉଦ୍ଘାଟନୀରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଓଡିଶା ଜୀବିକା ମିଶନ ଜିଲା ପରିଚାଳକ ପ୍ରଶାନ୍ତ ମିଶ୍ର, ଜିଲା ଯୋଜନା ୟୁନିଟ ରକୁମୁଦିନୀ ମିଶ୍ର, କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠି, ଏଏଓ ମୋନାଲିଷା ଜେନା, ଏଏଚଓ ଦୁର୍ବାଦଳ ଭୋଇ, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର ଓ ପ୍ରଭାତୀ ଭୋଇ, ପୂର୍ବତନ



ନର୍ଲା ବିଧାୟକ ଭୂପିନ୍ଦର ସିଂ ପାରମ୍ପରିକ ବିହନ ବିଷୟରେ ଉଦ୍‌ବୋଧନ ଦେଉଛନ୍ତି।

ସରପଞ୍ଚ ସୁରେଶ ଚୌଧୁରୀ, ନାଏବ ସରପଞ୍ଚ ଗୌରୀ ଦୀପ, ୱାର୍ଡମେମ୍ବର ମମତା ଭୋଇ, ଗାଁ ଗଉନ୍ତିଆ ଖୁସୀରାମ ଚୌଧୁରୀ, ପୂର୍ବତନ ୱାର୍ଡମେମ୍ବର କୁମର ଦୀପ, ଆଇଜିଏସଏସଏସରୁ ଅମର କୁମାର ଗୌଡ ପ୍ରମୁଖ ଯୋଗଦେଇ ପାରମ୍ପରିକ ବିହନ ଓ ଆମ ପିଠାପଣାକୁ ଚିହ୍ନିବା ସହିତ ବଞ୍ଚାଇବା ଆବଶ୍ୟକତା ରହିଛି ବୋଲି କହିଥିଲେ । ମହୋତ୍ସବରେ ପ୍ରର୍ଶନୀ ଷ୍ଟଲରେ ବୁଢାଦେଓ ବାଇ ଓ ପ୍ରେଷ୍ଟିସାଇଡ ୟୁନିଟ କଅଁସିଲ, ପଦ୍ମାଳୟ କୃଷକ ଉତ୍ପାଦକ ଦଳ ଧଅଁରାଖମନ, ମା' ମାଣିକେଶ୍ୱରୀ କୃଷକ ଉତ୍ପାଦକ ଦଳ ଶିଶାଖାଲ, ଲକ୍ଷ୍ମୀ ନାରାୟଣୀ କୃଷକ ଉତ୍ପାଦକ ଦଳ ଟେର୍ଚ୍ଛାପଲା, ଅହିଂସା କୃଷକ ଉତ୍ପାଦକ ଦଳରୁ ଆସିଥିବା ବିଭିନ୍ନ ପାରମ୍ପରିକ ବିହନ, ପିଠାପଣା, ମାଣ୍ଡିଆ, ଗୁରୁଜୀ, କଦୋରୁ ପ୍ରସ୍ତୁତ ପିଠା, ବିସ୍କୁଟ, ମିକଶ୍ଚର ପ୍ରଭୃତି ଚାଷୀମାନଙ୍କୁ ଆକୃଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିବା ବେଳେ ସଂସ୍ଥା କର୍ମୀ ଜଗଦୀଶ ପ୍ରସାଦ ରଣା, କିଶୋର ଦାସ, ଗରୁଡ ଭୋଇ, ଜିତୁ ଭୋଇ, ହେମନ୍ତ ସାହୁ, ଭୂପିନ୍ଦ୍ର ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

# ୫୯ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୯।୧

ବରଗଡ଼ ବ୍ଲକ ଅନ୍ତର୍ଗତ ନୂଆ ସରସରା ଦୁର୍ଗାପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟିର ପୂର୍ବତନ କାର୍ଯ୍ୟକର୍ତ୍ତା ଦେବାର୍ଚ୍ଚନ ଭୋଇଙ୍କ ସ୍ମୃତିରେ ହୋଇଥିବା ଏହି ଶିବିରରେ ୫୯ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯବାନ ପ୍ରକାଶ ସାହୁ, ସ୍ତ୍ରୀ ମୀତା, ଯବାନ ଜିତେନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଳାକାର ସୁରେନ୍ଦ୍ର ସାହୁ ମୁଖ୍ୟଅତିଥି, ସରସରା ସରପଞ୍ଚ ମିଳନ ନାଗ, ସମିତିସଭ୍ୟ ବୁଲୁ ପାଣ୍ଡେ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବରଗଡ଼ ଓ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସତ୍ୟସାଇ ଜନସେବା ଗ୍ରୁପ୍‌ର ସୁଶାନ୍ତ କୁମାର ପଣ୍ଡା ରକ୍ତଦାତାଙ୍କୁ ବୃକ୍ଷଚାରା ପ୍ରଦାନ କରିଥିଲେ। ନିମାଇଁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀଙ୍କ ସମସ୍ୟା ନେଇ ଧାରଣା ଦେଲା ଭାଜପା










ବରଗଡ଼ ଅଫିସ୍/ପଦ୍ମପୁର, ୨୯।୧(ଡି.ଏନ.ଏ.): ବରଗଡ଼ ଜିଲାରେ ଖରିଫ ଧାନ କିଣାବିକା ସମସ୍ୟାକୁ ନେଇ ଶୁକ୍ରବାର ଭାଜପା ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲା। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରି ପାରୁ ନ ଥିବା ଭାଜପା ଅଭିଯୋଗ କରିଛି। ଏହି କାରଣରୁ ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣର ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଭାଜପା ୮ଦଫା ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଛି ।

ଭାଜପା ନେତା ଓ କର୍ମୀମାନେ ଚାଷୀଙ୍କୁ ନେଇ ଏକ ରାଲିରେ ଜିଲାପାଳଙ୍କ ଅଫିସ ଆସିଥିଲେ। ସେମାନେ ଫାଟକ ସମ୍ମୁଖରେ ଧାରଣାରେ ବସି ଉଦବୋଧନ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ପ୍ରମୁଖ ସେଠାକୁ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ୫ତାରିଖ ସୁଦ୍ଧା ସମସ୍ତ ଧାନ କିଣାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଧାରଣାରୁ ଓହରିଥିଲେ। ଭାଜପାର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମିଳନ ସେଠ, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁଶାନ୍ତ ମିଶ୍ର, କୁଶ କୁମ୍ଭାର, ଜିଲା ପରିଷଦ ସଭ୍ୟ ଅଶୋକ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସେହିପରି ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଧାରଣାସ୍ଥଳକୁ ଆସି ଆଲୋଚନା କରି ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ୭ ଦିନ ମଧରେ ଧାନ ଉଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ଉପାଧକ୍ଷ ମଦନ ଦୀପ, ରାଜ୍ୟ ଯୁ ମୋର୍ଚ୍ଚା ସମ୍ପାଦକ ପ୍ରିତେଶ ବହିଦାର, ପ୍ରବୀଣ ପାଣିଗ୍ରାହୀ, ଗୋବର୍ଦ୍ଧନ ଅଗ୍ରୱାଲା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

ସୋନପୁର,(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭାଜପା ନେତୃବୃନ୍ଦ ଓ ଉପସ୍ଥିତ ଚାଷୀମାନେ ମଣ୍ଡିରୁ ଧାନ ଉଠିବାରେ ବିଳମ୍ବ ହେଉଥିବା ଏବଂ କଟ୍‌ନି ଛଟ୍‌ନି ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଜଣାଇଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ବରିଷ୍ଠ ନେତା ଅଶୋକ ପୂଜାରୀ, ବଳଦେବ ପ୍ରସାଦ ବେଦ୍‌ବାକ୍, ରାଜକିଶୋର ମେଣ୍ଡଲି, ସୁରେଶ ମହଲା, ବିଜୟ ମହାକୁର, ରୁଦ୍ର କିଶୋର ମହଲା, ରାଜେନ୍ଦ୍ର ବିଶି, ପୂର୍ଣ୍ଣିମା ବାରିକ, ରୋହିଣୀ ଡାଙ୍ଗ, ନିତେଇପାଲ, ବିଶ୍ୱମ୍ଭର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

ଚାଷୀ ବର୍ଷତମାମ ନାନା ସମସ୍ୟାରେ ରହି ଧାନ ଅମଳ କରୁଛି। ମାତ୍ର ତାଙ୍କର ଧାନ ଠିକ୍ ସମୟରେ ଉଠୁନାହିଁ କି ସେ ଉଚିତ ମୂଲ୍ୟ ପାଇପାରୁନାହିଁ। ଏଥିପାଇଁ ବିଭିନ୍ନ ସମୟରେ ରାଜନୈତିକ ଦଳ ଏବଂ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏହି କ୍ରମରେ ଶୁକ୍ରବାର ଭାଜପା ପକ୍ଷରୁ ଜିଲାପାଳ ଏବଂ ଉପଜିଲାପାଳଙ୍କ ଅଫିସ୍ ଘେରାଉ କରାଯାଇଥିଲା।

ଭବାନୀପାଟଣା/ଧର୍ମଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ଦଳ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ବିକ୍ଷୋଭ ସଭା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିରେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାୟକ, ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତି, ବରିଷ୍ଠ ଭାଜପା ନେତା ଭବେନ୍ଦ୍ର ପଣ୍ଡା, ବିନିତା ଦାସ, ଅନିରୁଦ୍ଧ ପ୍ରଧାନ ତଥା ବହୁ ମହିଳା ଓ ପୁରୁଷ ଭାଜପା କର୍ମକର୍ତ୍ତା ତଥା କର୍ମୀ ସାମିଲ ଥିଲେ । ସେହିପରି ଧର୍ମଗଡଠାରେ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଢଯୋଷୀ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ମହିଳା ମୋର୍ଚ୍ଚା ସଭାପତି ନିରୁପମା ନାଏକ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଆପରେଶ ସ୍ୱାଇଁଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ଧର୍ମଗଡ଼ ବସଷ୍ଟାଣ୍ଡରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷୋଭ କରିଥିଲେ।

ତରବୋଡ/ନୂଆପଡା ଅଫିସ,(ଡି.ଏନ.ଏ.): ନୂଆପଡା ଜିଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଭାଜପା ପକ୍ଷରୁ ୩୫୩ ନମ୍ବର ଜାତୀୟ ରାଜପଥ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୪ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶରେ ଜିଲାପାଳଙ୍କ ଜରିଆରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ରାସ୍ତା ଅବରୋଧସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ରାସ୍ତା ଅବରୋଧରେ ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ପ୍ରଶ୍ନ ପାଢୀ, ହୋମ ସିଂ ମାଝି, ହିତେଶ ବଗର୍ତ୍ତି, ଦେବଦେବସିଂ ଦେଓ, କୃଷକ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତାରେଶ୍ୱରୀ ସାହୁ, ଜେମା ମଞ୍ଜୁରୀ ପାଣ୍ଡେ, ଜିଲା ସମ୍ପାଦିକା ରାଜେଶ୍ୱରୀ ସାହୁ, ଜିଲା ସାଧାରଣ ସମ୍ପାଦକ ତୁଲସ ପଟେଲ, ଅର୍ଜୁନ ଜଗତ ପ୍ରମୁଖଙ୍କ ସମେତ ଜିଲାର ଚାଷୀ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱଧାଦେବ ସିଂଙ୍କୁ ପଚାରିବାରୁ ଜିଲାରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣାଯିବ, କହାରି ବାକି ରହିବ ନାହିଁ କି ଧାନ ସରିବା ପର୍ଯ୍ୟନ୍ତ ମଣ୍ଡି ଚାଲୁ ରହିବ ବୋଲି କହିଥିଲେ ।

ଟିଟିଲାଗଡ଼,(ଡି.ଏନ.ଏ.): ଚଳିତ ଖରିଫ ପ୍ରାରମ୍ଭରୁ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ଧାନ ବିକ୍ରିରେ ସମସ୍ୟା ନେଇ ଶୁକ୍ରବାର ଭାଜପା ରାସ୍ତାକୁ ଓହ୍ଲାଇଛି। ଦଳର ଜିଲା ସଭାପତି ଶିବାଜି ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ଅଧକ୍ଷତା ଅଶୋକ ଦୋରା, ଲକ୍ଷ୍ମଣ ବାଗ, ସୁଭ୍ରାଂଶୁ ଦାଶ, ମୁକେଶ ଜୈନ, ଆଲୋକ ନାୟକ, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ ପ୍ରମୁଖ ରାଜ୍ୟ ସରକାରଙ୍କ ଧାନ କିଣା ନୀତି ଉପରେ ବର୍ଷିଥିଲେ। ତୁରନ୍ତ ଧାନ କ୍ରୟ କରାନଗଲେ ଆନ୍ଦୋଳନ ଆହୁରି ତୀବ୍ରତ ହେବ ବୋଲି ଦଳୀୟ ନେତା ଚେତାବନୀ ଦେଇଛନ୍ତି।

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ଚାଷୀନେତା ସୂର୍ଯ୍ୟ ନାରାୟଣ ମହାପାତ୍ର, ଭାଜପା ନେତା କହ୍ନାଇଁ ଚରଣ ଡାଙ୍ଗ, ମଣ୍ଡି ଚାଲ ଅଭିଯାନର ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ଯୁଗଳ କିଶୋର ସାହୁଙ୍କ ସମେତ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

**ଅଚଳ ନଳକୂପ ମରାମତି ହେଉନି**

ଅତାବିରା,(ଡି.ଏନ.ଏ): ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂପ ମାସେ ହେଲା ଅଚଳ ହୋଇପଡିଛି। ବାରମ୍ବାର ଅଭିଯୋଗ କଲେ ମଧ ମରାମତି କରାଯାଉନାହିଁ। ଅଭିଯୋଗ ହେବାର ୨୪ ଘଣ୍ଟା ମଧ୍ୟରେ ଅଚଳ ନଳକୂପ ମରାମତି କରିବାକୁ ପ୍ରଶାସନର ନିର୍ଦ୍ଦେଶ ରହିଥିଲେ ମଧ ଏଠାରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ଅଚଳ ନଳକୂପ ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।

## ସଂକ୍ଷେପରେ

### ଉଠାଦୋକାନୀଙ୍କ ଉପରେ ଅଙ୍କୁଶ ନାହିଁ

ବରପାଲି, ୨୯।୧ (ଡି.ଏନ.ଏ): ବରପାଲି ସହରର ପ୍ରମୁଖ ଛକ ଓ ରାସ୍ତାକଡରେ ଉଠା ଦୋକାନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଠାକାର ଏନଏସି ଅଫିସ ଥାନା ଛକ ଓ ଡାକ୍ତରଖାନା ଛକରେ ଏମାନଙ୍କ ରାଜ୍ ଚାଲିଛି। ଶ୍ୟାମାଛକ ରାସ୍ତାରେ ଫଳ ଦୋକାନୀ ଓ ବିଭିନ୍ନ ଠେଲା ରାସ୍ତାର ଅଧାରୁ ଅଧିକ ସ୍ଥାନ ଅକ୍ତିଆର କରିନେଇଛନ୍ତି। ଫଳରେ ଏହି ସ୍ଥାନ ଦୁର୍ଘଟଣା ସ୍ଥଳ ପାଲଟିଗଲାଣି। ଦୋକାନୀମାନେ ରାସ୍ତା କଡରେ ଦୋକାନ ଲଗାଇ ସମସ୍ୟା ସୃଷ୍ଟି କରୁଥିବା ବେଳେ ଲୋକେ ରାସ୍ତାରେ ଅଟକି ବାଇକ ଓ ସାଇକେଲ ଧରି ବଜାର କରୁଥିବା ଦେଖାଯାଉଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ଥାନାଧିକାରୀ ରୋଜାଲିନ ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ ।

### ପୋଲିସ ମାଡ଼ରେ ଆହତ

ବରଗଡ଼ ଅଫିସ୍,୨୯।୧: ବରଗଡ଼ ଟାଉନ ଥାନା ଅନ୍ତର୍ଗତ ପ୍ରଧାନପାଲି ନିକଟରେ ଗୁରୁବାର ରାତ୍ରିରେ ପୋଲିସ ୩ ଜଣଙ୍କୁ



ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ପ୍ରଧାନପାଲିର ଟିଙ୍କୁ ନାଏକ ଓ ବେଦପ୍ତ ପ୍ରଧାନ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭିମସାର, ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ବେଦପ୍ତ ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଟିଙ୍କୁ ଚିକିତ୍ସାଧୀନ ଅଛନ୍ତି । ଏ ନେଇ ଟିଙ୍କୁଙ୍କ ବଡ଼ଭାଇ ପ୍ରମୋଦ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ତଦନ୍ତ କରୁଛି । ପ୍ରକାଶ ଯେ, ଟିଙ୍କୁ, ବେଦପ୍ତ ଏବଂ ପ୍ରମୋଦ ମାଛଚାଷ କରିଥିବା ବନ୍ଧ (ଜଳାଶୟ)କୁ ଆସିଥିଲେ। ସେହି ସମୟରେ ୩ଟି ଗାଡ଼ିରେ ପୋଲିସ ଏବଂ ଅନ୍ୟ ୨ଜଣ ସେଠାକୁ ଆସି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ସେ ନେଇ ଏକ ମାମଲା ରୁଜୁ ହୋଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ।

# ୮ ଟାର୍ଗେଟ ଅଛି, ଟୋକନ ନାହିଁ

- ୮ ହଜାର ଚାଷୀଙ୍କ ଟୋକନ ଲାପ୍ସ
- ମଣ୍ଡିରେ ପଡ଼ିଛି ୧୦ ଲକ୍ଷ ପ୍ୟାକେଟ ଧାନ
- ବର୍ଷା ଆଶଙ୍କାରେ ଚାଷୀ ଚିନ୍ତିତ

ପଦ୍ମପୁର, ୨୯।୧ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ଖରିଫ ଧାନ ସଂଗ୍ରହ ଅଢ଼େଇ ମାସ ବିତି ଗଲାଣି । ତଥାପି ଉପଖଣ୍ଡର ପ୍ରାୟ ୭୦ଟି ମଣ୍ଡିରେ ୯ ଲକ୍ଷ ୯୫୬ ପ୍ୟାକେଟ ଧାନ ବସ୍ତା ଖୋଲା ଆକାଶରେ ପଡିରହିଛି। ବର୍ତ୍ତମାନ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ମିଲକୁ ଟାର୍ଗେଟ ଦିଆଯାଇଥିବା ସତ୍ତ୍ୱେ ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡିଛି। ଟୋକନ ଅବଧି ସରିଯାଇଥିବାରୁ ସେମାନେ ଧାନକୁ ବିକ୍ରି କରି ପାରିନାହାନ୍ତି। ଏପଟେ ମେଘୁଆ ପାଗ ଓ ବର୍ଷା ଆଶଙ୍କା ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବର୍ଷାରେ ଧାନ ଭିଜିଗଲେ ମିଲର୍ସ ୧୦ରୁ ୧୨କେଜି କଟ୍‌ନୀରେ ଧାନ ଉଠାଇବେ ଏବଂ ସେମାନଙ୍କୁ ଅଭାବୀ ବିକ୍ରିର ଶିକାର ହେବାକୁ ପଡିବ।

ରିପୋର୍ଟ ଅନୁସାରେ, ପଦ୍ମପୁର ଉପଖଣ୍ଡର ୬ଟି ବ୍ଲକର ପ୍ରାୟ ୮ହଜାର ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ପଦ୍ମପୁର ବ୍ଲକର ୭ଟି ସେବା ସମବାୟ ସମିତି ଅଧୀନ ୧୬୮୪ ଜଣ ଚାଷୀଙ୍କ ଧାନ ମଣ୍ଡିରେ ପଡିଛି। ମାତ୍ର ଟୋକନ ସମୟ ଅତିକ୍ରାନ୍ତ ହୋଇଥିବାରୁ ତାହା ଲାପ୍ସ ହୋଇଛି। ପାଇକମାଳ ବ୍ଲକ ଅନ୍ତର୍ଗତ ଲଖମରା ସେବା ସମବାୟ ସମିତିର ୪ଶହ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଗୁରୁବାର ଗୋଟିଏ ଦିନରେ ୨୦୯ ଚାଷୀ ୧୧ ହଜାର ୧୧୪.୬୧ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉପଖଣ୍ଡର ୬ଟି ବ୍ଲକର ୪୬ ହଜାର ୭୫୫ ଚାଷୀ ୨୪ ଲକ୍ଷ ୧୦ ହଜାର ୬୮୧ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଆରଏମ୍‌ସି ସମ୍ପାଦକ ଧର୍ମେନ୍ଦ୍ର ଭୋଇ ସୂଚନା ଦେଇଛନ୍ତି। ମାତ୍ର ଏବେ ସୁଦ୍ଧା ପ୍ରାୟ ୧୫ ହଜାର ଚାଷୀଙ୍କ ଧାନ କ୍ରୟ ହୋଇ ପାରିନାହିଁ। ଯେଉଁମାନଙ୍କ ଟୋକନ ଅବଧି ସରିଛି ସେମାନେ କିପରି ଧାନ ବିକ୍ରି କରିପାରିବେ ସେ ନେଇ ଯୋଗାଣ ବିଭାଗ କିମ୍ବା ପ୍ରଶାସନ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ସେହିପରି ଚାଷୀଙ୍କ ବୈଧ ଟୋକନ ଥିଲେ ମଧ ମଣ୍ଡି କର୍ମଚାରୀମାନେ ସ୍ଥାନ ଅଭାବ ଦର୍ଶାଇ ମଣ୍ଡିକୁ ଆଣିବାକୁ ଧାନ ମନା କରୁଛନ୍ତି। ଫଳରେ ଏବେ ମଧ ଅନେକ ଚାଷୀଙ୍କ ଘରେ ଧାନ ଗଚ୍ଛିତ ହୋଇ ରହିଛି। ଚାଷୀ ଧାନ ମଣ୍ଡିରେ ବିକ୍ରି କରି ନ ପାରିଲେ ବେପାରୀ ହାତରେ ବିକ୍ରି କରିବାକୁ ବାଧ ହେବେ ଓ ଅଭାବୀ ବିକ୍ରି ପୂର୍ବାପେକ୍ଷା ଆହୁରି ବଢ଼ିବ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ କହିଛନ୍ତି। ଶୁକ୍ରବାର ସୁଦ୍ଧା ପଦ୍ମପୁର ଉପଖଣ୍ଡର ଝାରବନ୍ଧ ବ୍ଲକ ଲଉଡିଦର୍ହା ପ୍ୟାକ୍ସରେ ସର୍ବାଧିକ ୬୪ ହଜାର ୩୩୧ ବସ୍ତା, ଝାରବନ୍ଧ ୟାର୍ଡରେ ୩୮ ହଜାର ୨୫, ପାଇକମାଳ ବ୍ଲକ ଲଖମରାରେ ୩୯ ହଜାର ୫୫୮, ପଦ୍ମପୁର ବ୍ଲକ କନସିଲାରେ ୩୫ ହଜାର ୨୭୪ ବସ୍ତା ଧାନ ମାସେରୁ ଉର୍ଦ୍ଧ୍ୱ ସମୟ ଧରି ପଡିରହିଛି। ଏ ସମ୍ପର୍କରେ ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଲଙ୍କୁ ପଚରାଯିବାରୁ ଆମେ ଲାପ୍ସ ଟୋକନ ରିଜେନେରେଟ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି କହିଥିଲେ। ମାତ୍ର ଟୋକନ କେବେ ଆସିବ ତାହା ସେ ସ୍ପଷ୍ଟ କରି ନ ଥିଲେ।



ପଦ୍ମପୁର ଅଞ୍ଚଳର ଏକ ମଣ୍ଡିରେ ଧାନ ପଡି ରହିଛି।

### ଚାଷୀଙ୍କୁ ବର୍ଷା ଭୟ

ବରଗଡ଼ ଅଫିସ୍,୨୯।୧: ବରଗଡ଼ ଜିଲାରେ ଶୁକ୍ରବାର ଅଦିନିଆ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଜିଲାର ପ୍ରାୟତଃ ସବୁ ଅଞ୍ଚଳରେ ବର୍ଷା ହୋଇଛି। ଫଳରେ ଚାଷୀ ଚିନ୍ତିତ ହୋଇ ପଡ଼ିଛି। ଜିଲା ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ୭୪.୧୬ ଲକ୍ଷ କୁଇଣ୍ଟାଲ ଧାନକ୍ରୟ ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ୭୦.୩୯ ଲକ୍ଷ ଧାନ କିଣା ସରିଛି। ଆହୁରି ୩.୭୭ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ବାକି ରହିଛି। କିନ୍ତୁ ସେମାନଙ୍କ ପାଖରେ ଆହୁରି ଅନେକ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ ରହିଥିବା ଚାଷୀମାନେ କହିଛନ୍ତି। ଟୋକନ ଅବଧି ସରିଯାଇ ଥିବାରୁ ଧାନ ବିକ୍ରି ପାଇଁ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏହା ସହିତ ଶୁକ୍ରବାର ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ସରକାରଙ୍କ ନୀତି ସମ୍ପୂର୍ଣ୍ଣ ଫେଲ ମାରିଛି । ଜିଲାରେ ଧାନ କିଣାବିକା ସ୍ଥିତି ଗମ୍ଭୀର ଅଛି। ଏବେ ମଧ୍ୟ ବିଭିନ୍ନ ମଣ୍ଡିରେ ପ୍ରାୟ ୫ଲକ୍ଷ ବସ୍ତା ଧାନ ପଡ଼ି ରହିଛି। ଏହି ଧାନସବୁକୁ ଯଦି ସରକାର ତୁରନ୍ତ ନ କିଣିବେ, ତେବେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ। ଏ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ କହିଛନ୍ତି, ବର୍ଷାରେ କୌଣସି ମଣ୍ଡିରେ ଧାନ ଭିଜିଥିବା ନେଇ ସୂଚନା ତାଙ୍କ ପାଖରେ ନାହିଁ। ପ୍ରତି ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ତାରପୋଲିନ ଗଚ୍ଛିତ ରହିଛି ଏବଂ ଧାନ କିଣାବିକା ଜାରି ରହିଛି ବୋଲି ସେ କହିଥିଲେ।

### ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଗ୍ରହଣ କଲେ ମନ୍ତ୍ରୀ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜୁନାଗଡ଼, ୨୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ଏହି ସ୍କୁଲର ବିକାଶ କରିବା ସହ ଶୈକ୍ଷିକବାତାବରଣ ସୃଷ୍ଟି କରିବାରେ ସେ ସମସ୍ତ ସହଯୋଗ କରିବେ। ମନ୍ତ୍ରୀଙ୍କ ଏପରି କାର୍ଯ୍ୟ ଯୋଗୁ ଜୁନାଗଡ଼ ସହରର ସମସ୍ତ ଶିକ୍ଷାପ୍ରେମୀ, ସ୍କୁଲ ପୁରାତନ ଛାତ୍ର ତଥା ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କମିଟି, ବିଧାୟକ ପ୍ରତିନିଧି, ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ମିଶ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଏପରି ଅତୁଳନୀୟ ଅବଦାନ ପାଇଁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଯାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପିମଣି ଯାନୀଙ୍କ ଅଧକ୍ଷତାରେ ଜୁନାଗଡ଼ ବିଧାୟକ ପ୍ରତିନିଧି ତଥା ପୂର୍ବତନ ଏନଏସି ଅଧକ୍ଷ ମହେଶ କୁମାର ସାହୁ, ଏସଏମଡିସି ସଭାପତି ତଥା ପୁରାତନ ଛାତ୍ର ସଂସଦ ସଭାପତି ସନ୍ତୋଷ କୁମାର ସିଂହଦେଓ, ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ସମୀର କୁମାର ସାହୁ, ବରିଷ୍ଠ ଶିକ୍ଷକ ସୁଧୀର ବେହେରା, ପୁରାତନ ଛାତ୍ର ଖଗେଶ୍ୱର ଧଙ୍ଗଡ଼ାମାଝି ପମୁଖ ଉପସ୍ଥିତ ଥିଲେ।

### ଦିଲ୍ଲୀ ଫେରନ୍ତା ବାଜାଶାଲ ଦଳକୁ ସ୍ୱାଗତ, ସମ୍ବର୍ଦ୍ଧନା

କେସିଙ୍ଗା/ଭବାନୀପାଟଣା, ୨୯।୧ (ଡି.ଏନ.ଏ.)

ଦିଲ୍ଲୀର ରାଜପଥରେ ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ପୂର୍ବ ଭାରତର ଏକ ମାତ୍ର ଦଳ ଭାବେ କଳାହାଣ୍ଡିର ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନର ୮୦ଜଣିଆ କଳାକାର 'ବଜାଶାଲ' ନୃତ୍ୟ ପରିବେଷଣ କରି ଫେରିଛନ୍ତି। ଦିଲ୍ଲୀରୁ ସମତା ଏକ୍ସପ୍ରେସରେ ଶୁକ୍ରବାର ସକାଳ ୧୦ଟା ୨୦ମିନିଟରେ କେସିଙ୍ଗା ଷ୍ଟେଶନରେ ପହଞ୍ଚିଲେ। କଳାକାରମାନଙ୍କୁ ସମ୍ବଲପୁରରୁ ଆସିଥିବା ଉଜିଆ ଅନୁଷ୍ଠାନ ସଭାପତି ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ସମ୍ପାଦକ ଗୁରୁ ରଞ୍ଜନ କୁମାର ସାହୁ ଓ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପଢ଼ୌକନ ଓ ପୁଷ୍ପ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଷ୍ଟେଶନ ପରିସରରେ କଳାକାରମାନେ ଆନନ୍ଦ ଓ ଖୁସିରେ ଜୟ ମା' ମାଣିକେଶ୍ୱରୀ ଉଚ୍ଚାରଣ କରି ପ୍ରାୟ ୧୫ ମିନିଟ ଯାଏ ଅଭିନୟ କରିଥିଲେ। ପରେ ଏକ ବସ ଯୋଗେ ୮୦ ଜଣିଆ କଳାକାର ଭବାନୀପାଟଣା ଅଭିମୁଖେ ଯାଇଥିଲେ। ଜନ୍ମ ମାଟିରେ ପହଞ୍ଚିବା ପରେ କଳାକାର ବୃନ୍ଦ ଆନନ୍ଦ ଓ ଗର୍ବ ଅନୁଭବ କରିଥିଲେ। ପ୍ରତିଭା ଅନୁଷ୍ଠାନ ସଭାପତି ଧାନ ନନ୍ଦ ପଣ୍ଡା, ସମ୍ପାଦକ ବିଷ୍ଣୁ ପ୍ରସାଦ ନାୟକ, ନମିତା ମିଶ୍ର, ଯଜ୍ଞସେନି ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଦିଲ୍ଲୀ ରାଜପଥରେ ଡ଼େଢ଼ ମିନିଟ ଯାଏ ବଜାଶାଲା ଅଭିନୟ କରିଥିଲେ । ସାରା ବିଶ୍ୱ ଏହି ନୃତ୍ୟକୁ ଉପଭୋଗ କରିଥିଲେ।

## ବୋଲେରୋ ଧକ୍କାରେ ହୋମ୍‌ଗାର୍ଡ ମୃତ

ଭବାନୀପାଟଣା, ୨୯।୧ (ଡି.ଏନ.ଏ.)

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଛକଠାରେ ଶୁକ୍ରବାର ପ୍ରାୟ ମଧାହ୍ନ ୧୨.୩୦ରେ ଦୁର୍ଘଟଣାରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋକୁଳ ଭୋଇ (୪୩)। ଦୁର୍ଘଟଣା ଖବର ପାଇ ଥୁଆପଦର ଯୁବକମାନେ ପ୍ରାୟ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ ଏହି ଥାନା ଅଧୀନ ଥୁଆପଦର ଗ୍ରାମର ହୋମ୍‌ଗାର୍ଡ ଗୋକୁଳ ବାଇକ୍ (ନଂ.ଓଆର୍‌୦୮ଜି-୨୦୭୭) ଯୋଗେ କାର୍ଯ୍ୟରେ ଯୋଗଦେବା ପାଇଁ ଭବାନୀପାଟଣା ରିର୍ଜଭ ପୋଲିସକୁ ଆସୁଥିଲେ। ତେନ୍ତୁଳିଖୁଣ୍ଟ ଛକଠାରେ ଭବାନୀପାଟଣାରୁ କେସିଙ୍ଗା ଅଭିମୁଖେ ଦ୍ରୁତଗତିରେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ଯାଉଥିବା ବୋଲେରୋ ଗୋକୁଳଙ୍କୁ ଧକ୍କା ଦେଇଥିଲା। ପରେ ଗାଡି ଦ୍ରୁତଗତିରେ କେସିଙ୍ଗା ପଟକୁ ଚାଲିଯାଇଥିଲା। ଗୋକୁଳଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିବା ସହ ରାସ୍ତାରେ ପଡି ଛଟପଟ ହେଉଥିଲେ। ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଲେରୋ ଓ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇ ପଚାରଉଚରା କରୁଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୩୨/୨୧) ରୁଜୁ ହୋଇଛି। ଭବାନୀପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

### ଟ୍ରାକ୍ଟର ଓଲଟି ଜଣେ ମୃତ

ଲୋଇସିଂହା,୨୯।୧ (ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରାରୁ ସୁଜିଆ ରାସ୍ତାର ବୁଲାଣି ନିକଟ ମନହୀରା ପୋଲଠାରେ ଟ୍ରାକ୍ଟର ଓଲଟି ଶୁକ୍ରବାର ସନ୍ଧ୍ୟାରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବରଗଡ଼ ଜିଲା ଘେସର ଶିରିଶ ସାହୁ (୪୦) । ଅନ୍ୟ ଜଣେ ଆହତ ହେଲେ ସୁଜିଆ ଗାଁର ଓମ ପ୍ରକାଶ ସାହୁ । ଖବର ପାଇ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ନେଇଥିଲେ । ଅବସ୍ଥା ସଙ୍କଟ ଥିବାରୁ ବଲାଙ୍ଗୀର ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଖେଳ ଖବର

### ଭଲିବଲ: ଦ୍ୱାରି ଚାମ୍ପିୟନ




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ବରଗଡ଼ ଅଫିସ/ଭଟଲି,୨୯।୧(ଡି.ଏନ.ଏ.)

ବରଗଡ଼ ଜିଲା ଭଟଲି ରଥଦାଣ୍ଡ ପଡ଼ିଆରେ ମଙ୍ଗଳବାର ଦିବାରାତ୍ର ଏକଦିବସୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଟଲି ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ଭଟଲି ସମେତ ଅମ୍ବାଭୋନା, ଅଡ଼ଗାଁ, ଦ୍ୱାରି, ଆମ୍ବସଢ଼ା, ଲଚିଦା, ବରପାଲି ଏବଂ ବାଞ୍ଜିପାଲି ଦଳ ଭାଗ ନେଇଥିଲେ। ଦ୍ୱାରି ଏବଂ ବାଞ୍ଜିପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଦ୍ୱାରି ଦଳ ବାଞ୍ଜିପାଲି ଦଳକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମ୍ୟାନ୍ ଅଫ ଦି ସିରିଜ ଭାବେ ଦ୍ୱାରୀ ଦଳର ବିକାଶ ପଧାନ, ମ୍ୟାନ ଅଫ ଦି ମ୍ୟାଚ ଭାବେ ଦ୍ୱାରୀ ଦଳର ଚିନ୍ତା ବାଗ୍, ବେଷ୍ଟ ଆଟାକର ଭାବେ ବାଞ୍ଜିପାଲିର ରବିନ ପୋଢ଼, ବେଷ୍ଟ ଡିଫେନ୍ସର ଦ୍ୱାରି ଦଳର ରୋହିତ ବାଗ, ବେଷ୍ଟ ଡିସିପ୍ଲିନ୍ ଟିମ୍ ଭାବେ ଅଡ଼ଗାଁ ଦଳକୁ ପୁରସ୍କୃତ କରାଯାଇଥିଲା। ଆସୋସିଏଶନ୍‌ର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀ, ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା। ଅଶୋକ ବଘେଲ, ଆଶିଷ ପୁରୋହିତ, ଅଜିତ ପତି, ବ୍ରଜକିଶୋର ସାହୁ ଏବଂ ଯୋଗେଶ ଡନସନା ପ୍ରମୁଖ ସ୍କୋରର ଓ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଘମଣ୍ଡିଆପାଲିକୁ ହରାଇ ଭୂଦୋବର ଟାଇଟଲ

ଅମରପାଲି,୨୯।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ମହଦା ଖେଳ ପଡିଆରେ ମା' ନାରାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ହେଉଥିବା ୮ମ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଘମଣ୍ଡିଆପାଲିକୁ ହରାଇ ଭୂଦୋବର ଚାମ୍ପିୟନ ହୋଇଛି । ପ୍ରଥମ ଫର୍ମାଟରେ ଭୂଦୋବର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୮୦ ରନ କରିଥିଲା। ଜବାବରେ ଘମଣ୍ଡିଆପାଲି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଭୂଦୋବର ୮ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବା ବେଳେ ଘମଣ୍ଡିଆପାଲି ୭ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା । ଫଳରେ ଭୂଦୋବର ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଫିରୋଜ ବେହେରା, କ୍ରୀଡାବିତ କୁର୍ତ୍ତିବାସ ମିଶ୍ର, ପ୍ରତାପ ସାହୁ, ରଞ୍ଜନ ମହଲା, ପ୍ରିୟବ୍ରତ ସାହୁ, ପଙ୍କଜ ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଭୂଦୋବରର ମାନଭଞ୍ଜନ ଥାପାଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ଓ ଜିତୁ କର୍ମୀଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳରେ ବୁଧୁ ରାମ କର୍ଣ୍ଣ ଓ ଟି. ପଧାନ ଅମ୍ପାୟାର, ଲିଙ୍କୁ ପାଢ଼ୀ ସ୍କୋରର ଏବଂ ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଅଜିତ, ପ୍ରଦୀପ, ସଞ୍ଜୟ, ଲୁଲୁ, ଜତିନ, ଦେବେଶ, ଆନନ୍ଦ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

**ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

### ଟୁର୍ନାମେଣ୍ଟ: ବଜରଙ୍ଗବଲୀ ଚାମ୍ପିୟନ

ମୋହନଗିରି, ୨୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କଳାହାଣ୍ଡିର ବଜରଙ୍ଗବଳି ଓ କନ୍ଧମାଳର ଡି.ପି.୧୧ ମଧ୍ୟରେ ହୋଇଥିଲା। ଡି.ପି.୧୧ ଦଳକୁ ହରାଇ ବଜରଙ୍ଗବଳି ଦଳ ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ରିକି ପଣ୍ଡେ ଓ ମ୍ୟାନ ଅଫ ଦି ମ୍ୟାଚ ଲିଲୁ ବେହେରାଙ୍କୁ ପ୍ରଦାନ କରାଯାଇଛି । ଫାଇନାଲରେ ଅମ୍ପାୟର ରାଧାକାନ୍ତ ବେହେରା ଓ ସତ୍ୟ ମହାପାତ୍ର ଖେଳ ପରିଚାଳନା କରି ଥିବାବେଳେ ଧାରାବିବରଣୀ ସ୍ୱପ୍ନେଶ୍ୱର କର୍ମୀ ଓ ଶଶିକାନ୍ତ ପାତ୍ର ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ସମାଜିକ କର୍ମୀ ବାବୁଲି ମଣ୍ଡଳ, ଜିଲା ଶିକ୍ଷାଧିକାରୀ ଦେବାଶିଶ ନାଏକ, ଜିଲା ଖେଳ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।




ଚାମ୍ପିୟନ ଟ୍ରଫି ସହ ବଜରଙ୍ଗବଲୀ ଦଳ ଖେଳାଳିମାନେ ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ହାତିସରା ଚାମ୍ପିୟନ

ଦେଓଗାଁ, ୨୯।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁରସିଂଠାରେ ସ୍ଥାନୀୟ ପ୍ରିନ୍ସ କ୍ଲବ ଆନୁକୁଲ୍ୟରେ ଚାଲିଥିବା ମହେନ୍ଦ୍ର ପଣ୍ଡା ମେମୋରିଏଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ହାତିସରା ଓ ସମାଟୁଆଁ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଖେଳ ଅମିମାଂଶିତ ରହିବାରୁ ଟାଇବ୍ରେକର ଜରିଆରେ ହାତିସରା ଦଳ ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରଫୁଲ୍ଲ ବର୍ଗର୍ତ୍ତି, ବଳରାମ ବର୍ଗର୍ତ୍ତି, ଓ ବିଜୟ କୁମାର ରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ମାର୍କଣ୍ଡ ମେହେର, ହୃଦାନନ୍ଦ ଗଡତ୍ୟା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ପ୍ରିନ୍ସ କ୍ଲବ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଯାପିତ: ଘୁଷୁରାମୁଣ୍ଡା ଚାମ୍ପିୟନ

ଟିକ୍ରାପଡା, ୨୯।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ଲାଙ୍କେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏକାଦଶତମ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ କେନ୍ଦୁଉଡାରକୁ ଟାଇବ୍ରେକର ଯୋଗେ ୪-୩ ଗୋଲରେ ହରାଇ ଘୁଷୁରାମୁଣ୍ଡା ଚାମ୍ପିୟନ ହୋଇଛି। ପୁରୁଷୋତ୍ତମ ବୁଡେକଙ୍କୁ ଖେଳ ପରିଚାଳନାରେ ଚିତ୍ତରନ ପଣ୍ଡେ, ମଣ୍ଟୁ ବେହେରା, ଦେବରାଜ ନାହାକ ସହାୟତା କରିଥିଲେ। ପ୍ରଭୁଦାସ କୁମ୍ଭାର, କ୍ଷେତ୍ରପତି ଜାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସଅପ ଦଳକୁ ଟ୍ରଫି ସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆ, ଆଇନଜୀବୀ ଟୁନୁ ରାଜପଲିଆ, ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବ୍ଲକ ବିଜେଡି ସଭାପତି ଦୀଲିପ ରାଜପଲିଆ, ଫାଣ୍ଡି ଅଧିକାରୀ ଅଦିତ୍ୟ ପ୍ରସାଦ ସାହୁ, କରମତଲା ସମିତି ସଭ୍ୟ ସୁବାସ ବୁଡେକ, ବିକ୍ରମସିଂ ବୁଡେକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଫୁଟବଲ ଖେଳାଳି ଅରବିନ୍ଦ ସୁପକାର ମୁଖ୍ୟବକ୍ତା ରହିଥିଲେ। କମିଟି ସଭାପତି ସୁରଜ କାଲସାଏଙ୍କ ଅଧକ୍ଷତା ଓ ସମ୍ପାଦକ ନବିନ୍ଦ୍ର ବୁଡେକଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମେଘାମ୍ବର ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ତୀର୍ଥ, ଦୌଣ, କୁନୁ, ରାକେଶ, ତୁଷାର, ଆକାଶ, ପିଙ୍କୁ, ମେଘୁ, ଟିଙ୍କୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଫାଇନାଲ ଦଳର ଖେଳାଳି ।